

ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
- ସନ୍ଥ କବୀର ଦାସ



# ପୁରୀ ଜିଲ୍ଲାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର

- ଜିରୋ କାଜୁଆଲ୍‌ଟି ଉପରେ ଫୋକସ
- ସଜାଗ ୩ ଏନ୍‌ଡିଆରଏଫ୍, ୨ ଓଡ୍ରାଫ ଟିମ୍

**ପୁରୀ ଅଫିସ,୨।୫**

ଓଡ଼ିଶାମୁହାଁ ହେଉଛି ଫନୀ। ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଏହା ପୁରୀ ଆଖପାଖରେ ସ୍ଥଳଭାଗ ଛୁଇଁବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୭୦ରୁ ୧୮୦ କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ଜିରୋ କାଜୁଆଲ୍‌ଟି ଉପରେ ଫୋକସ ରଖିଥିବା ପୁରୀ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି। ଜିଲାର ସମୁଦ୍ର ନିକଟବର୍ତ୍ତୀ ଅଞ୍ଚଳ, ଖାଲୁଆ ଓ ତଳିଆ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗୁରୁବାର ରାତି ସାଢେ ୮ଟା ସୁଦ୍ଧା ପ୍ରାୟ ୧ଲକ୍ଷ ୧୩ ହଜାର ୪୭୫ ଜଣଙ୍କୁ ନିରାପଦ ସ୍ଥାନକୁ ଅଣାଯାଇଥିବା ଜଣାପଡ଼ିଛି।

ଆସୁଛି ଫନୀ

ଫନୀ ପୁରୀକୁ ଅଧିକ ପ୍ରଭାବିତ କରିବାର ଆଶଙ୍କା ରହିଛି। ତେଣୁ ଏହାର ମୁକାବିଲା ଲାଗି ୩ଟି ଏନ୍‌ଡିଆରଏଫ୍ ଟିମ୍ ଏବଂ ୨ଟି ଓଡ୍ରାଫ୍ ଟିମ୍ ବିଭିନ୍ନ ଅଞ୍ଚଳକୁ ଯାଇ ସ୍ଥିତି ଉପରେ ନଜର ରଖିଛନ୍ତି। ଅସ୍ତରଙ୍ଗ, ପୁରୀ ଏବଂ କୃଷ୍ଣପ୍ରସାଦ ଅଞ୍ଚଳକୁ ଏନ୍‌ଡିଆରଏଫ୍ ଟିମ୍ ଯାଇଥିବାବେଳେ ବ୍ରହ୍ମଗିରି ଏବଂ କୋଣାର୍କକୁ ଓଡ୍ରାଫ୍ ଟିମ୍ ପଠାଯାଇଛି। ଏମାନେ ସବୁ ପ୍ରକାର ଉଦ୍ଧାର ସରଞ୍ଜାମ ସହ ସଜାଗ ରହିଛନ୍ତି। ଗୁରୁବାର ପ୍ରଥମେ ଡାକବାଜି ଯନ୍ତ୍ର ଯୋଗେ ସମୁଦ୍ର ନିକଟବର୍ତ୍ତୀ ଏବଂ ତଳିଆ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ଲାଗି କୁହାଯାଇଥିଲା। ଏହାପରେ ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୁରୀ ସମୁଦ୍ର କୂଳବର୍ତ୍ତୀ ପେଣ୍ଠକଟା ସମେତ ଅନ୍ୟ ତଳିଆ ଅଞ୍ଚଳର ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ରାତି ସାଢେ ୮ଟା ସୁଦ୍ଧା ପୁରୀ ଜିଲାରୁ ୧ଲକ୍ଷ ୧୩ହଜାର ୪୫୭ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଥିବାରୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି।

ପ୍ରଶାସନ ପକ୍ଷରୁ ବାତ୍ୟା ସମୟରେ ଏବଂ ବାତ୍ୟା ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ରନ୍ଧାଖାଦ୍ୟ, ଚୁଡ଼ା ଓ ଗୁଡ଼ ଦିଆଯିବ। ବାତ୍ୟାରେ ଯଦି ଗଛ ପଡ଼ି ରାସ୍ତା ଅବରୋଧ ହୁଏ ତେବେ କଟର ମେଶିନରେ କାଟି ଶୀଘ୍ର ରାସ୍ତା ସଫା କରାଯିବ। ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲାଗି ଅଧିକ ଡାକ୍ତର ଏବଂ ପାରା ମେଡିକାଲ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସବୁ ଡାକ୍ତରଖାନାରେ ଆବଶ୍ୟକ ଔଷଧ, ଓଆରଏସ୍ ପ୍ୟାକେଟ, ହାଲୋଜିନ ବଟିକା ମହଜୁଦ୍ ରଖାଯାଇଛି। ଗୃହପାଳିତ ପଶୁଙ୍କୁ ନିରାପଦ ସ୍ଥାନରେ ରଖିବା ଲାଗି ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ଆବଶ୍ୟକ ପଲିଥିନ ଯୋଗାଇ ଦେବା ଲାଗି ନିଷ୍ପତ୍ତି ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପ୍ରମୁଖ ପ୍ରଶାସନିକ ଅଧିକାରୀ ପୁରୀ ଜିଲା ଉପରେ ସ୍ୱତନ୍ତ୍ର ନଜର ରଖିଛନ୍ତି। ପ୍ରଶାସନିକ ଅଧିକାରୀମାନେ ଜିରୋ କାଜୁଆଲ୍‌ଟିକୁ ଫୋକସରେ ରଖି ସମସ୍ତ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସମ୍ଭାବ୍ୟ ବାତ୍ୟାପ୍ରବଣ ଅଞ୍ଚଳ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ତତ୍ତ୍ୱାବଧାନରେ ସମ୍ପୃକ୍ତ ଅଞ୍ଚଳରେ ଗୁରୁବାର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ବାତ୍ୟା ପରବର୍ତ୍ତୀ ଉଦ୍ଧାର ଏବଂ ଅନ୍ୟାନ୍ୟ କାର୍ଯ୍ୟ କରାଯିବ। ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଦାୟିତ୍ୱରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, ପୁରୀ ସଦର ଏବଂ ପୁରୀ ପୌରସଂସ୍ଥା ଦାୟିତ୍ୱରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶ୍ ଚନ୍ଦ୍ର ନାୟକ, କୃଷ୍ଣପ୍ରସାଦ ଦାୟିତ୍ୱରେ ପିକେଡିଏ ସେକ୍ରେଟାରୀ ସୁବାଶିଷ ମାନସିଂ ଏବଂ ଆସିଷ୍ଟାଣ୍ଟ କଲେକ୍ଟର ଦେବୀ ପ୍ରସାଦ ଆଚାର୍ଯ୍ୟ, ବ୍ରହ୍ମଗିରି ଦାୟିତ୍ୱରେ ଶ୍ରୀମନ୍ଦିର ଉପପ୍ରଶାସକ ମଧୁସୂଦନ ଦାସ, କୋଣାର୍କ ଏନ୍‌ଏସି ଦାୟିତ୍ୱରେ ପ୍ରଳୟାନନ୍ଦ ଶତପଥୀ ଏବଂ ସାତପଡ଼ା ଦାୟିତ୍ୱରେ ଏଲ୍‌ଏଓ ପ୍ରଶାନ୍ତ କୁମାର ଜେନା, କୃଷ୍ଣପ୍ରସାଦର ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ତରାସିଆ ରହିଛନ୍ତି।



ମହିଳାମାନେ ପିଲାଙ୍କ ସହ ବାତ୍ୟା ଆଶ୍ରୟସ୍ଥଳକୁ ଯାଉଛନ୍ତି ।

## ଅଭୟାରଣ୍ୟର ସବୁ ଫାଟକ ଖୋଲାଗଲା

'ଫନୀ'କୁ ନଜରରେ ରଖି ପୁରୀ ବନ ବିଭାଗ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି। ବିଶେଷ କରି ବନ୍ୟଜନ୍ତୁ କିପରି ପ୍ରଭାବିତ ନ ହେବେ ସେଥିଲାଗି ସତର୍କତା ଅବଲମ୍ବନ କରାଯାଇଛି। 'ଫନୀ' ସ୍ଥଳଭାଗ ଛୁଇଁବା ସମୟରେ ଅତ୍ୟଧିକ ପବନ ସାଙ୍ଗକୁ ପାଣି ଉଠିବାର ସମ୍ଭାବନା ରହିଛି। ତେଣୁ ପୁରୀ ସମୁଦ୍ର ନିକଟସ୍ଥ ବାଲୁଖଣ୍ଡ ଅଭୟାରଣ୍ୟର ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇଛି ବିଭାଗ। ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କ ସୂଚନା ଅନୁଯାୟୀ, ଗୁରୁବାରଠାରୁ ଅଭୟାରଣ୍ୟର ସମସ୍ତ ଗେଟ୍ ଖୋଲି ଦିଆଯାଇଛି । ଯଦି ପ୍ରବଳ ପବନ ହୁଏ ଏବଂ ପାଣି ଉଠେ ତେବେ ବନ୍ୟଜନ୍ତୁମାନେ ଏହି ଗେଟ୍ ଦେଇ ବାହାରକୁ ଯାଇପାରିବେ। ସେହିପରି ହରିଣ ଯଦି କୌଣସି ଗାଁକୁ ପଶିଯାନ୍ତି, ତେବେ ତାଙ୍କୁ ନ ଘଉଡାଇବାକୁ ଲୋକଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯାଉଛି। ବାତ୍ୟା କମିଗଲା ପରେ ବନ ବିଭାଗକୁ ଖବର ଦେଲେ କର୍ମଚାରୀମାନେ ପହଞ୍ଚି ହରିଣମାନଙ୍କୁ ଉଦ୍ଧାର କରିବେ। ଏଥିସହ ପର୍ଯ୍ୟାପ୍ତ ଭେଟେରିନାରୀ ଔଷଧ ମହଜୁଦ୍ ରଖାଯାଇଛି। କୌଣସି ସ୍ଥାନରେ ବନ୍ୟଜନ୍ତୁ ଆହତ ହେବାର ଖବର ମିଳିଲେ ତୁରନ୍ତ ସେଠାରେ ପହଞ୍ଚି ଚିକିତ୍ସା କରାଯିବା ଲାଗି ବ୍ୟବସ୍ଥା ହୋଇଥିବା ଉଦ୍‌ଗାତା କହିଛନ୍ତି।

## ବେଳାଭୂମିରେ ଲାଗିଲା ନାଲି ପତାକା

ପୁରୀ ଅଫିସ,୨।୫– ଉପକୂଳମୁହାଁ ହୋଇଛି ବାତ୍ୟା ଫନୀ। ଏହାର ପ୍ରଭାବରେ ପୁରୀରେ ବର୍ଷା ସାଙ୍ଗକୁ ପବନ ହେଉଛି। ସମୁଦ୍ର ମଧ ଅଶାନ୍ତ ହେବାରେ ଲାଗିଛି। ଉଚ୍ଚ ଜୁଆର ଆସି ବେଳାଭୂମିରେ ମାଡ଼ ହେଉଛି। ସମୁଦ୍ରର ଅଶାନ୍ତ ରୂପକୁ ଦେଖି ପ୍ରଶାସନ ପ୍ରସ୍ତୁତ ହୋଇଯାଇଛି। ୩ନମ୍ବର ବିପଦ ସଙ୍କେତ ଦିଆଯାଇଥିବାରୁ ସ୍ଥାନୀୟ ଲୋକ, ପର୍ଯ୍ୟଟକ ଏବଂ ମତ୍ସ୍ୟଜୀବୀଙ୍କୁ ସତର୍କ କରାଇବା ଲାଗି ବେଳାଭୂମିରେ ଗୁରୁବାର ନାଲି ପତାକା ଲଗାଯାଇଛି। ୩କିମି ବ୍ୟାପୀ ବେଳାଭୂମିରେ ଦଉଡ଼ି ଟଣାଯିବା ସହ ଏକାଧିକ ସ୍ଥାନରେ ନାଲି ପତାକା ଲଗାଯାଇଛି। ସେହିପରି ଡାକବାଜି ଯନ୍ତ୍ର ଯୋଗେ ବେଳାଭୂମିକୁ ନ ଯିବା ଲାଗି ପରାମର୍ଶ ଦିଆଯାଉଛି। ୩ତାରିଖରେ 'ଫନୀ' ପୁରୀ ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୭୦ରୁ ୧୮୦କିମିରୁ ଅଧିକ ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ସମୁଦ୍ର ଆହୁରି ଅଶାନ୍ତ ହେବ। ଏପରି କି ଦେଢ ମିଟର ଉଚ୍ଚ ପର୍ଯ୍ୟନ୍ତ ଜୁଆର ଉଠିପାରେ ବୋଲି ସତର୍କ କରାଯାଇଛି। ଏ ସବୁକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ବେଳାଭୂମିରେ ନାଲି ପତାକା ଲଗାଯାଇଛି। ପର୍ଯ୍ୟାପ୍ତ ଲାଇଫ୍‌ଗାର୍ଡ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବେଳାଭୂମି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ପ୍ରଦୀପ୍ତ



ନବୀନ କିଶୋର



ରୋଶନ



ମୌସୁମୀ



ପ୍ରଭାତ



ମଳୟ

## ଖୋର୍ଦ୍ଧା ଜିଲା: ସୁରକ୍ଷିତ ସ୍ଥାନକୁ ଗଲେ ୭୦ ହଜାର ୫୫୯ ଲୋକ

ଖୋର୍ଦ୍ଧା ଅଫିସ,୨।୫: ସାମୁଦ୍ରିକ ଝଡ ଫନୀର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅପରେଶନ ଚାଲୁ ରହିଛି। ତେବେ ବର୍ଷା ଡୁହାକୁଡୁହା ଚାଲିଥିବାବେଳେ ପବନ ହେବାରୁ ଭୟ ବଢ଼ି ଚାଲିଛି। ଏଭଳିସ୍ଥଳେ ତଳି ଅଞ୍ଚଳ, ଅସୁରକ୍ଷିତ ଗୃହରୁ ଗୁରୁବାର ରାତି ୧୧ଟା ସୁଦ୍ଧା ୭୦ ହଜାର ୫୫୯ ହଜାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବାଣପୁର ବ୍ଲକରେ କଚ୍ଚା ଘରେ ରହୁଥିବା ୨୫୨୦ଟି ପରିବାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଶାଳିଆ ଡ୍ୟାମର ଜଳପତ୍ତନ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଡ୍ୟାମ ନିକଟସ୍ଥ ପୋଡାସାହି ଗ୍ରାମବାସୀଙ୍କୁ ନିକଟସ୍ଥ ଶାଳିଆ ବିଦ୍ୟା ନିକେତନ ଆଶ୍ରମ ଆବାସିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ବାତ୍ୟା ସମୟରେ ଗମନାଗମନରେ ଅସୁବିଧା ହେବାର ସମ୍ଭାବନା ଥିବାରୁ ସତର୍କତା ପଦକ୍ଷେପ ସ୍ୱରୂପ ଆସନ୍ନ ପ୍ରସବା ଗର୍ଭବତୀ ଥିବା ଜଟଣୀ ବ୍ଲକରୁ ୩, ଖୋର୍ଦ୍ଧାରୁ ୫, ବୋଲଗଡରୁ ୬, ବେଗୁନିଆରୁ ୩, ଟାଙ୍ଗୀରୁ ୧୦, ବାଣପୁରରୁ ୧୬, ବାଲିଅନ୍ତାରୁ ୫, ବାଲିପାଟଣାରୁ ୭, ଭୁବନେଶ୍ୱର ବ୍ଲକରୁ ୨ ଜଣଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆଦିବାସୀ ଅଧ୍ୟୁଷିତ ବାଣପୁର ବ୍ଲକ ଦାମିଆବରବରା, ନୀଳାଦ୍ରିପ୍ରସାଦ ପଞ୍ଚାୟତର ୯ ଜଣଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୪ ଆସନ୍ନ ପ୍ରସବା ଗର୍ଭବତୀଙ୍କୁ ଭର୍ତ୍ତି ହେବା ପରେ ଜିଲାର ୭୧ ଜଣ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଜିଲାରେ ୧୦ ବ୍ଲକ ଓ ୪ ସହରାଞ୍ଚଳରୁ ୮୯୫୪ ପରିବାରର ୧ ଲକ୍ଷ ୮ ହଜାର ୭୬୧ ଲୋକଙ୍କୁ ସ୍ଥାନାନ୍ତର କରାଯିବାକୁ ଲକ୍ଷ୍ୟ ରହିଥିଲା। ଏଥିରେ ଶିଶୁଙ୍କ ସଂଖ୍ୟା ୧୨ ହଜାର ୭ ରହିଥିଲା। ହେଲେ ରାତି ୧୧ଟା ସୁଦ୍ଧା ଜିଲାର ବାଲିଅନ୍ତା ବ୍ଲକରୁ ୧୦, ୨୫୨, ବାଲିପାଟଣାରୁ ୫୩୩୮, ଭୁବନେଶ୍ୱର ୫୮୩୭, ଜଟଣୀ ୨୨୫୯, ଖୋର୍ଦ୍ଧା ୩୮୪୦, ଟାଙ୍ଗୀରୁ ୧୧,୨୦୦, ଚିଲିକାରୁ ୧୧,୫୦୦, ବାଣପୁରରୁ ୬, ୭୦୬, ବୋଲଗଡରୁ ୫,୨୭୨, ବେଗୁନିଆ ବ୍ଲକରୁ ୨୭୨୬, ଖୋର୍ଦ୍ଧା ମ୍ୟୁନିସିପାଲିଟିରୁ ୧୫୦୦, ବାଲୁଗାଁ ଏନ୍‌ଏସିରୁ ୮୫୦, ବାଣପୁର ଏନ୍‌ଏସିରୁ ୧୩୭୯, ଜଟଣୀ ମ୍ୟୁନିସିପାଲିଟିରୁ ୨ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

**୭୧ ଗର୍ଭବତୀଙ୍କୁ ମେଡିକାଲରେ ଭର୍ତ୍ତି**



## ବାତ୍ୟା ପୂର୍ବରୁ ଭାଙ୍ଗି ପଡିଲା ଗଛ

ଖୋର୍ଦ୍ଧା ଅଫିସ,୨।୫: ଗୁରୁବାର ମଧ୍ୟାହ୍ନରେ ଫନୀର ପ୍ରଭାବରେ ଆରମ୍ଭ ହୋଇଥିବା ବର୍ଷା ଓ ପବନ କାରଣରୁ ଚନ୍ଦକା ମେଣ୍ଢାଶାଳ ରାସ୍ତାର ହରିପୁରଠାରେ ରାସ୍ତା ଉପରେ ଗଛ ଭାଙ୍ଗି ପଡିଥିଲା। କିଛି ସମୟ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ଲୋକ ଗଛ କାଟି ସଫା କରିବା ପରେ ଯାନବାହନ ଚଳାଚଳ କରିଥିଲା।

## ଚିଲିକାରେ ଡଙ୍ଗା ଚଳାଚଳ ୫ ତାରିଖ ଯାଏ ବନ୍ଦ

**ଖୋର୍ଦ୍ଧା ଅଫିସ,୨।୫**

ସାମୁଦ୍ରିକ ଝଡ ଫନୀ ଓଡ଼ିଶା ମୁହାଁ ହୋଇ ଦ୍ରୁତଗତିରେ ମାଡି ଆସୁଛି। ପ୍ରଭାବରେ ବର୍ଷା ଓ ପବନ ଡୁହାକୁ ଡୁଆ ଗୁରୁବାର ହୋଇ ଲୋକଙ୍କୁ ଡରାଇବାକୁ ଆରମ୍ଭ କରିଛି। ବାତ୍ୟାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗର ୫ଟି ଟିମ୍ ଖୋର୍ଦ୍ଧା, ବାଲୁଗାଁ, ବାଣପୁର, ଟାଙ୍ଗୀ, ଗଙ୍ଗାଧରପୁରରେ ନିୟୋଜିତ ହୋଇଛନ୍ତି। ଗୋଟିଏ ଟିମ୍‌ରେ ୫ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ପରିସ୍ଥିତିର ମୁକାବିଲା ପାଇଁ ଗୋଟିଏ ଟିମ୍ ପାଖରେ ୨ଟି କଟର୍, ଗୋଟିଏ ୱାଚ ଲାଇଟ୍ ରଖାଯାଇଛି। ଏହି ଟିମ୍ ସ୍ଥାନୀୟ ଅଗ୍ନିଶମ କାର୍ଯ୍ୟାଳୟରେ ଅବସ୍ଥାନ କରୁଛନ୍ତି। ସେହିଭଳି ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଅଗ୍ନିଶମ ବିଭାଗ ମଧ ପ୍ରାକୃତିକ ବିପର୍ଯ୍ୟୟ ବେଳେ ସହଯୋଗ କରିବ। ପରିସ୍ଥିତିକୁ ଦେଖି ଟିମ୍ ତା'ର କାର୍ଯ୍ୟ ଆରମ୍ଭ କରିବ ବୋଲି ସହକାରୀ ଜିଲା ଅଗ୍ନିଶମ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକଙ୍କୁ ସୂଚନା ଦେଇଛନ୍ତି। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ସୂଚନା ଅନୁସାରେ, ଚିଲିକାରେ ୫ ତାରିଖ ପର୍ଯ୍ୟନ୍ତ ଡଙ୍ଗା ଚଳାଚଳ ବନ୍ଦ ରହିବ। ବୁଧବାରଠାରୁ ଡଙ୍ଗା ଚଳାଚଳ ବନ୍ଦ ରହିଛି। ଗୁରୁବାର ତଳି ଅଞ୍ଚଳ ଓ ବିପଦପୂର୍ଣ୍ଣ ଘରୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ ହୋଇଛି। ୨ଟି ଓଡ୍ରାଫ ଟିମ୍ ଓ ଗୋଟିଏ ଏନଡିଆରଏଫ ଟିମ୍, ୩୦୦ ସିଭିଲ ଡିଫେନ୍ସ ବାତ୍ୟାର ମୁକାବିଲା ନିମନ୍ତେ ମୁତୟନ ହୋଇଛନ୍ତି। ଜିଲାର ପ୍ରତି ବ୍ଲକରେ ନେହେରୁ ସେବାକେନ୍ଦ୍ରର ୧୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି ବୋଲି ଅନୁରୂପ ସୂଚନା ଦେଇଛନ୍ତି।

**ଅଗ୍ନିଶମ ବିଭାଗର ୫ଟି ସ୍ୱତନ୍ତ୍ର ଟିମ୍ ନିୟୋଜିତ**

## ବାଜି ମାରିଲା ମଦର୍ସ ପବ୍ଲିକ୍ ସ୍କୁଲ

ସିବିଏସ୍‌ଇ ପରୀକ୍ଷାଫଳ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଚଳିତବର୍ଷ ଭଲ ପ୍ରଦର୍ଶନ କରିଛି ଭୁବନେଶ୍ୱର ୟୁନିଟ୍‌-୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ। ସ୍କୁଲର ମୋଟ ୧୫୯ଜଣ ଛାତ୍ରୀଛାତ୍ର ଏଥର ୯୦% ଉପରେ ନମ୍ବର ରଖିବାରେ ସଫଳ ହୋଇଛନ୍ତି। ସବୁଠାରୁ ବଡ଼କଥା ହେଲା ଚଳିତବର୍ଷ ଏହି ସ୍କୁଲର ବିଜ୍ଞାନ ଛାତ୍ରୀ ଶାଳିନୀ ଶୀତଲ ୯୮.୨% ନମ୍ବର ରଖି ଓଡ଼ିଶା ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସେହିଭଳି ଟି. ସାଇ ସବ୍ୟସାଚୀ ୯୫.୪% ରଖି ବାଣିଜ୍ୟରେ ସ୍କୁଲ ଟପ୍ପର ହୋଇଥିବା ବେଳେ ହ୍ୟୁମାନିଟିଜ୍ ଷ୍ଟ୍ରିମ୍‌ରେ ଅମ୍ରିତା ଆଦିତି ୯୬.୪% ରଖି ସ୍କୁଲ ଟପ୍ପର ହୋଇଛନ୍ତି। ପ୍ରତ୍ୟେକ ବିଭାଗରେ ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳ ହୋଇଥିବାରୁ ସ୍କୁଲ ଅଧ୍ୟକ୍ଷ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଛନ୍ତି। ତେବେ ୫୦୦ରୁ ୪୯୧ ନମ୍ବର ରଖି ଓଡ଼ିଶା ଟପ୍ପର ହେବା ସହ ଜୋନ୍‌ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ଶାଳିନୀ ତାଙ୍କ ସଫଳତାର ଶ୍ରେୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ପରିବାରବର୍ଗଙ୍କୁ ଦେଇଛନ୍ତି।





ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ

ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷା ଫଳ ଜାଣିବା ପରେ ଖୁସି ମନାଉଛନ୍ତି ଛାତ୍ରୀଛାତ୍ର।



ୟୁନିଟ୍‌-୮ ଡିଏଭି ସ୍କୁଲ

## ଓଡିଏମ୍ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ଚଳିତବର୍ଷ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଜ୍ଞାନରେ ପ୍ରତ୍ୟୁଷା ସ୍ୱାଇଁ ୯୭ ପ୍ରତିଶତ ନମ୍ବର ରଖି ସ୍କୁଲ ଟପ୍ପର ହୋଇଥିବା ବେଳେ ସ୍ୱାଗତ ନାୟକ ଓ ସାଗର ସାମଲ ମିଳିତ ଭାବେ ୯୬.୨ ପ୍ରତିଶତ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରିଶବ ଅଗ୍ରୱାଲ ୯୫ ପ୍ରତିଶତ ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚଳିତବର୍ଷ ବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର ସଫଳତା ଅର୍ଜନ କରିଛନ୍ତି। ସେହିପରି ବାଣିଜ୍ୟରେ ଚେତନ ଅଗ୍ରୱାଲ ୯୬ ପ୍ରତିଶତ ସହ ବିଦ୍ୟାଳୟରେ ପ୍ରଥମ ହୋଇଥିବା ବେଳେ ଶତ ପ୍ରତିଶତ ଛାତ୍ରୀଛାତ୍ର ୭୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନ ଓ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଇଞ୍ଜିନିୟରିଂ କରିବି



ମୁଁ ମୋ ସଫଳତାର ସବୁ ଶ୍ରେୟ ମୋ ଟିଚର୍‌ମାନଙ୍କୁ ଦେବି। ସେମାନେ ୨ବର୍ଷ ହେଲା ବହୁତ ପରିଶ୍ରମ କରି ଆମକୁ ପଢ଼ାଇଛନ୍ତି। ସେମାନଙ୍କ ପରିଶ୍ରମର ଫଳ ଆଜି ମିଳିଛି। ମୁଁ ଆଗକୁ ଇଞ୍ଜିନିୟରିଂ କରିବାକୁ ଲକ୍ଷ୍ୟ ରଖିଛି। କମ୍ପ୍ୟୁଟର ସାଇନ୍ସ ପ୍ରତି ମୋର ଦୁର୍ବଳତା ରହିଛି। ସେଥିପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି।

**- ଶାଳିନୀ ଶୀତଲ୍, ମଦର୍ସ ପବ୍ଲିକ୍ ସ୍କୁଲ, ଓଡ଼ିଶା ଟପ୍ପର**

### ମାର୍କ ନୁହେଁ, ଜ୍ଞାନ ପାଇଁ ପଢୁଥିଲି



ମୁଁ କେବେ ଅଧିକ ମାର୍କ ରଖିବା ପାଇଁ ପଢ଼ିନି, ବରଂ ଅଧିକରୁ ଅଧିକ ବିଷୟରେ ଜାଣିବାକୁ ପଢୁଥିଲି। କମର୍ସରେ ରାଜ୍ୟ ଟପ୍ପର ହେବା ନିଶ୍ଚିନ୍ତ ଭାବେ ମୋ ପାଇଁ ଗର୍ବର ବିଷୟ। ଲକ୍ଷ୍ୟ ହାସଲ କରିବାକୁ ହେଲେ ଏକାଗ୍ରତା ଆବଶ୍ୟକ। ଆଉ ଏକାଗ୍ରତା ପାଇଁ ମୁଁ ପ୍ରତିଦିନ ଯୋଗ ଓ ମେଡିଟେଶନ କରେ। ଭବିଷ୍ୟତରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ହେବାର ଲକ୍ଷ୍ୟ ରଖିଛି।

**- ଇଶିତା ପଟ୍ଟନାୟକ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ରାଜ୍ୟ ଟପ୍ପର(ବାଣିଜ୍ୟ)**

### ସଫଳତା ପାଇଁ ଶର୍ଟକଟ୍ ନାହିଁ



୯୦ ପ୍ରତିଶତ ଉପରେ ନମ୍ବର ରଖିବି ବୋଲି ଆଶା ଥିଲା। ହେଲେ ୯୭.୨% ନମ୍ବର ରଖି ରାଜ୍ୟ ଟପ୍ପର ହେବା ନିଶ୍ଚିନ୍ତ ଭାବେ ଖୁସିର ବିଷୟ। ସଫଳତା ପାଇଁ କୌଣସି ଶର୍ଟକଟ୍ ନାହିଁ। କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତା ଦିଏ। ମୋ ସଫଳତାର ଶ୍ରେୟ ମୁଁ ସ୍କୁଲର ସମସ୍ତ ଟିଚର୍ ଓ ସ୍କୁଲ ଅଧକ୍ଷଙ୍କୁ ଦେବି।

**- ପ୍ରଥମ ଅଗ୍ରୱାଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ରାଜ୍ୟ ଟପ୍ପର(ବାଣିଜ୍ୟ)**

### ଡାକ୍ତର ହେବାକୁ ଲକ୍ଷ୍ୟ



ସ୍କୁଲ ଓ ଟ୍ୟୁଶନକୁ ଛାଡ଼ି ଦିନକୁ ୭ରୁ ୮ଘଣ୍ଟା ପଢୁଥିଲି, ଯାହା ପାଇଁ ଆଜି ୯୬.୨ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଛି। ଏହାଠାରୁ ଅଧିକ ପଢ଼ିବାକୁ କେବେ ଚେଷ୍ଟା କରିନି। ସକାଳେ ଓ ସନ୍ଧ୍ୟାରେ ବସି ନିଜେ ନିଜେ ପଢ଼େ। ପାଠ ନ ସରିଲା ଯାଏ ବହି ଆଗରୁ ଉଠେନି। ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି। ତେଣୁ ଏବେ ମେଡିକାଲ ଲାଗି ପ୍ରସ୍ତୁତ ହେଉଛି। ମୋ ସଫଳତାର ଶ୍ରେୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବ୍ୟତୀତ ମା' ଓ ବାବାଙ୍କୁ ଦେବି।

**- ପଲ୍ଲବୀ ପଣ୍ଡା, ବିଜେଇଏମ୍ ସ୍କୁଲ**

### ପ୍ରଶ୍ନଗୁଡ଼ିକ ସହଜ ଥିଲା



ଦିନକୁ ୬ରୁ ୭ଘଣ୍ଟା ପାଠ ପଢୁଥିଲି। ସିବିଏସ୍‌ଇ ସହିତ ଇଞ୍ଜିନିୟରିଂ ଲାଗି ମଧ ପ୍ରସ୍ତୁତ ହେଉଥିଲି। ପ୍ରଶ୍ନଗୁଡ଼ିକ ସହଜ ଥିଲା। ସେଥିପାଇଁ ୯୭ ପ୍ରତିଶତ ମାର୍କ ରଖିବାରେ ସଫଳ ହେଲି। ମୋ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ମୋତେ ବହୁତ ସାହାଯ୍ୟ କରିଛନ୍ତି। ଆଗକୁ ଇଞ୍ଜିନିୟରିଂ କରିବାକୁ ଲକ୍ଷ୍ୟ ରଖିଛି। ସଫଳତାର ଶ୍ରେୟ ମୁଁ ମୋ ମା', ବାପା ଓ ସ୍କୁଲ ମ୍ୟାନେଜମେଣ୍ଟକୁ ଦେବି।

**- ସୌମ୍ୟପ୍ରକାଶ ସାହୁ, ବିଜେଇଏମ୍ ସ୍କୁଲ**

### ଦୈନିକ ୫ ଘଣ୍ଟା ପରିଶ୍ରମ କରୁଥିଲି



ମୁଁ ମାତ୍ର ୪ରୁ ୫ଘଣ୍ଟା ପରିଶ୍ରମ କରୁଥିଲି। ରାତିରେ ମଧ ମୋ ଶିକ୍ଷୟିତ୍ରୀ ଓ ଶିକ୍ଷକ ମୋତେ ପାଠପଢ଼ାରେ ସାହାଯ୍ୟ କରୁଥିଲେ। ମୋର ଓ ସେମାନଙ୍କ ମିଳିତ ପରିଶ୍ରମର ଫଳ ଆଜି ମୋତେ ମିଳିଛି। ୯୬ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଛି। ଆଗକୁ ଫାଇନାନ୍ସରେ କାମ କରିବାରେ ଇଚ୍ଛା ଅଛି। ତେଣୁ ମୁଁ ବି.କମ୍ କରିବାକୁ ଇଚ୍ଛୁକ। ସଫଳତାର ସବୁ ଶ୍ରେୟ ମା' ଓ ବାପାଙ୍କ ସହିତ ମୋ ଗୁରୁଙ୍କୁ ଦେବି।

**- ଚେତନ ଅଗ୍ରୱାଲ, ଓଡିଏମ୍ ପବ୍ଲିକ୍ ସ୍କୁଲ**



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।

-ସେନେକା



## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ନିରାକାରପୁର,୨ା୫(ଡି.ଏନ.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ଅଧୀନ ଗଙ୍ଗାଧରପୁର ଷ୍ଟେଶନ ନିକଟ ରେଳଧାରଣା ଉପରେ ବୁଧବାର ପୂର୍ବାହ୍ନରେ ଟ୍ରେନ୍ ଧକ୍କା ଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ କୋରାପୁଟ ଜିଲାରୁ ପରିବାର ସହିତ କାମ କରିବାକୁ ଆସିଥିବାବେଳେ ହୀରାଖଣ୍ଡ ଏକ୍ସପ୍ରେସ୍ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ତାଙ୍କର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ନିରାକାରପୁର ଫାଣ୍ଡି ଅଧିକାରୀ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

### କବି ରବି ସିଂଙ୍କ ଚିକିତ୍ସା ଲାଗି ସଂସ୍କୃତି ବିଭାଗ ପକ୍ଷରୁ ୫୦ ହଜାର ଟଙ୍କା ସହାୟତା

**ଭୁବନେଶ୍ୱର,୨ା୫(ବ୍ୟୁରୋ):** ବିପ୍ଳବୀ କବି ତଥା ବରିଷ୍ଠ ସାହିତ୍ୟିକ ରବି ସିଂଙ୍କ ଚିକିତ୍ସା ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଏହି ସହାୟତା ରାଶି ରାଜ୍ୟ କଳାକାର କଲ୍ୟାଣ ପାଣ୍ଠିରୁ ପ୍ରଦାନ କରାଯାଉଥିବା ବିଭାଗର ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। କବି ରବି ସିଂଙ୍କୁ ୨୦୧୭ ଡିସେମ୍ବରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ଅସୁସ୍ଥତା ଯୋଗୁ ସେ ଚିକିତ୍ସାଧୀନ ଥିବାରୁ ପୁନଶ୍ଚ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି।

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨ା୫:** ସପ୍ତାହେରୁ ଉର୍ଦ୍ଧ୍ୱ ଧରି ନିଖୋଜ ଥିବା କପିଳେଶ୍ୱରପୁର ଗାଁର ପ୍ରତାପ କୁମାର ଜେନାଙ୍କ ମୃତଦେହକୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ବୁଧବାର ଉଦ୍ଧାର କରାଯାଇ ଗୁରୁବାର ଭୁବନେଶ୍ୱରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଅନ୍ୟପକ୍ଷେ ନଂ. ୭୪/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପ୍ରତାପ ଏପ୍ରିଲ ୨୨ ରେ ନିଖୋଜ ଥିଲେ। ପରିବାର ପକ୍ଷରୁ ଖୋଜାଖୋଜି ପରେ ଟେର ନ ମିଳିବା ପରେ ଏପ୍ରିଲ ୨୪ ରେ ଥାନାରେ ଅଭିଯୋଗ ହୋଇଥିଲା। ତେବେ ବୁଧବାର ପୁବୁସାହିର ଏକ ବାଉଁଶ ଗଛରୁ ଝୁଲନ୍ତା ଅବସ୍ଥାରେ ପ୍ରତାପଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ପ୍ରତାପ ଆତ୍ମହତ୍ୟା କରିଛନ୍ତି ନାଁ ତାଙ୍କୁ ମାରି କେହି ଝୁଲାଇ ଦେଇଛି ତାହା ତଦନ୍ତ ସାପେକ୍ଷ। ତେବେ ପ୍ରତାପଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି।

### ଅଖଣ୍ଡ ମଙ୍ଗଳଦୀପ ଟାଳିବ ବିପତ୍ତି

**ପୁରୀ ଅଫିସ,୨ା୫:** ବାତ୍ୟା ଫନୀକୁ ନେଇ ଜନସାଧାରଣ ଆତଙ୍କିତ ହୋଇପଡ଼ିଥିବାବେଳେ ସେମାନଙ୍କୁ ଧୈର୍ଯ୍ୟର ସହ ପରିସ୍ଥିତି ମୁକାବିଲା କରିବାକୁ ପରାମର୍ଶ ଦେଇଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର। ସେ କହିଛନ୍ତି, ପ୍ରକୃତିର ଘଟଣାକ୍ରମକୁ ରୋକାଯାଇପାରିବ ନାହିଁ। ତେବେ ବିପଦ ସମୟରେ ବ୍ୟସ୍ତ ବିବ୍ରତ ନ ହୋଇ ମାନସିକ ସ୍ତରରେ ଦୃଢ଼ ହେବା ପାଇଁ ଆମର ନେତା ତଥା ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣାଗତ ହେବା ଉଚିତ।

### କନ୍ଦାପଥର ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର ଅଟକ

**ବାରଙ୍ଗ,୨ା୫(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ଅନ୍ଧାରୁଆ ପାଦପଦ୍ମମୁଣ୍ଡିଆରେ ଚନ୍ଦକା ପୋଲିସ ଓ ରାଜସ୍ୱବିଭାଗ ବୁଧବାର ମିଳିତ ଚଢ଼ାଉ କରି ଗୋଟିଏ କନ୍ଦାପଥର ବୋଝେଇ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଭୁବନେଶ୍ୱର ବ୍ଲକର ଅନ୍ଧାରୁଆ ଜଗନ୍ନାଥପ୍ରସାଦ ମୌଜାରେ ଥିବା ପାଦପଦ୍ମମୁଣ୍ଡିଆରୁ କିଛିବର୍ଷ ହେବ କନ୍ଦାପଥର କାଟି ବାହାରକୁ ବିକ୍ରି କରାଯାଉଥିଲା। ଏନେଇ 'ଧରିତ୍ରୀ' ରେ ଖବର ପ୍ରକାଶିତ ହେବା ପରେ ଭୁବନେଶ୍ୱର ତହସିଲଦାର ସମ୍ବିତ ଗଡନାୟକ, ଚନ୍ଦକା ରାଜସ୍ୱ ଅଧିକାରୀ ଦୁଃଖୀଶ୍ୟାମ ସ୍ୱାଇଁଙ୍କ ସମେତ ଚନ୍ଦକା ପୋଲିସ ବୁଧବାର ଅପରାହ୍ନରେ ପାଦପଦ୍ମମୁଣ୍ଡିଆରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଘଟଣାସ୍ଥଳରେ ଥିବା ଦୁଇଟି ଟ୍ରାକ୍ଟର ଓ ୧୫ ବ୍ୟକ୍ତି ଫେରାର ହୋଇଯାଇଥିଲେ। କନ୍ଦାପଥର ବୋଝେଇ ଏକ ଟ୍ରକକୁ ଜବତ କରିବା ସହ ଚାଳକ ଓ ଟ୍ରକକୁ ଚନ୍ଦକା ଥାନାରେ ହସ୍ତାନ୍ତର କରିଛୁ ବୋଲି ଚନ୍ଦକା ରାଜସ୍ୱ ଅଧିକାରୀ ସ୍ୱାଇଁ କହିଛନ୍ତି।

■ ଫନୀ ମୁକାବିଲା ଲାଗି ବିଏମ୍‌ସି ପ୍ରସ୍ତୁତ

# ୧୩୦ ଆଶ୍ରୟସ୍ଥଳୀକୁ ଲୋକଙ୍କୁ ନିଆଗଲା




ବୈଠକରେ ଉପସ୍ଥିତ ଅଧିକାରୀମାନେ।



ଆଶ୍ରୟସ୍ଥଳୀରେ ଲୋକମାନେ ରନ୍ଧାଖାଦ୍ୟ ଖାଉଛନ୍ତି।

**ଭୁବନେଶ୍ୱର,୨ା୫(ବ୍ୟୁରୋ)**

ବାତ୍ୟା 'ଫନୀ'ର ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଭୁବନେଶ୍ୱର ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବା ସହ ସେମାନଙ୍କ ମୌଳିକ ସୁବିଧା ପ୍ରତି ଧ୍ୟାନ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ବିଦ୍ୟୁତ୍ ସରବରାହଠାରୁ ଆରମ୍ଭ କରି, ପାନୀୟଜଳ, ଖାଦ୍ୟ, ଔଷଧ, ଶୌଚ ଓ ଗମନାଗମନର ସୁବିଧା ପ୍ରତି ସ୍ୱତନ୍ତ୍ର ଧ୍ୟାନ ରଖାଯାଇଛି। ସେହିଭଳି ସହରର ମୁଖ୍ୟ ୧୦ଟି ଡ୍ରେନ୍‌ର ସଫେଇ, ଜଳ ନିଷ୍କାସନ ଲାଗି ଗଙ୍ଗୁଆ ଓ ଦୟାନଦୀକୁ ସ୍ୱତନ୍ତ୍ର ରାସ୍ତା ଫିଟାଯାଇଛି। ଲୋକଙ୍କୁ ସୁରକ୍ଷାର ସହ ସ୍ଥାନାନ୍ତର କରାଯିବା ସହିତ ମୋଟ ୧୩୦ଟି ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଛି। ପ୍ରତି ଆଶ୍ରୟସ୍ଥଳୀର ପରିଷ୍କାରକୁ ଗୁରୁତ୍ୱ ଦିଆଯାଇଛି। ସବୁଠି ଆଶା କର୍ମୀଙ୍କୁ ନିୟୋଜିତ କରାଯାଇଛି। ସହରର ୪୦ଟି ସ୍ଥାନରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପମ୍ପସେଟ ଲଗାଇ ଜଳ ନିଷ୍କାସନ କରାଯିବାର ବ୍ୟବସ୍ଥା ହୋଇଥିବା ବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ମୋଟ ୧୯ଟି ପମ୍ପସେଟ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚା ଯାଇଛି।

### ରାସ୍ତା ଓ ଡ୍ରେନେଜ୍ ସଫା ରଖିବା ଲାଗି ତତ୍ପରତା

ବାତ୍ୟା ସ୍ଥଳଭାଗ ଛୁଇଁବା ପରେ ପାଖାପାଖି ୧୭୦ରୁ ୧୮୦ କିମି ବେଗରେ ପବନ ବହିବ ଓ ଅଧିକରୁ ଅଧିକ ବର୍ଷା ହେବ। ପାଣିପାଗ ବିଭାଗର ଏହି ସୂଚନା ପରେ ସହରରେ ସଫେଇ, ଜଳ ନିଷ୍କାସନ, ଡ୍ରେନ ସଫା, ରାସ୍ତାଘାଟରୁ ଗଛ ଓ ବିଦ୍ୟୁତ୍ ତାର ହଟାଇବା ଲାଗି ବିଏମ୍‌ସି ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି। ଅଗ୍ନିଶମ, ଜନସ୍ୱାସ୍ଥ୍ୟ, ନିର୍ମାଣ, ସେସୁ, ଜାଇକା, ଯୋଗାଣ ବିଭାଗ ଓ ଓଡ୍ରାଫ ଟିମ୍ ଏହି କାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶ ମିଳିଛି।

### ୧୩ ଜୋନ୍‌ରେ ବିଭକ୍ତ ହେଲା ଭୁବନେଶ୍ୱର

ଭୁବନେଶ୍ୱର ଅଞ୍ଚଳକୁ ମୋଟ ୧୩ ଜୋନରେ ଭାଗ କରି ୧୩ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ଲାଗି ସମସ୍ତ ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରେନେଜ୍ ବିଭାଗୀୟ ଇଞ୍ଜିନିୟର, ସିଭିଲ ଇଞ୍ଜିନିୟର ଓ ଅନ୍ୟ ବିଭାଗୀୟ କର୍ମଚାରୀଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ମୁଖ୍ୟତଃ ଇନ୍‌ଫୋସିଟି, ଜାଭିୟର ଛକ, ବାଣୀବିହାର, କୁଆଖାଇ, ଖଣ୍ଡଗିରି, ଇସ୍କନ, ଓୟୁଏଟି, ଏୟାରପୋର୍ଟ, ସ୍ମାର୍ଟ ଡିଷ୍ଟ୍ରିକ୍ଟ ଅଞ୍ଚଳ, ସଚିବାଳୟ ମାର୍ଗ, କଟକ ରୋଡ୍, କଳ୍ପନା ଓ ଲିଙ୍ଗରାଜ ଏରିଆରେ ପାଣି ଜମିବା ଆଶଙ୍କା ପ୍ରକାଶ ପାଇଛି।

### ପେଟ୍ରୋଲ ପମ୍ପରେ ଭିଡ଼, ପରିବା ଦର ଆକାଶ ଛୁଆଁ

ଭୁବନେଶ୍ୱରର ସମସ୍ତ ପେଟ୍ରୋଲ ପମ୍ପରେ ଗୁରୁବାର ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ବଜାରରେ ଆଳୁ, ପିଆଜ, ଟମାଟୋ ଓ ଅନ୍ୟ ପନିପରିବାର ଦର ଆକାଶ ଛୁଆଁ ହୋଇଛି। ଭୁବନେଶ୍ୱରର ସବୁ ବଜାର ଓ ହାଟରେ ଦର ବଢିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ଆଳୁ କିଲୋ ପିଛା ୨୫ ଟଙ୍କା ଓ ଟମାଟୋ କିଲୋ ପିଛା ୪୦ ଟଙ୍କାରେ ବିକ୍ରି କରୁଥିବା ବେଳେ ପିଆଜ ୫୦ ଓ ପନିପରିବା ରେଟ ୬୦ରୁ କମ୍ ନାହିଁ। ବଜାରରେ ପରିବା ଦର ବଢୁଥିବାରୁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ବାତ୍ୟା ସମୟରେ ଖାଦ୍ୟ ସାମଗ୍ରୀ କଳାବଜାର ରୋକିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ଖାଦ୍ୟ ଯୋଗାଣ ସଚିବଙ୍କୁ ଚିଠି ଲେଖିଛନ୍ତି।

## ନାବାଳିକାଙ୍କୁ ପ୍ରେମ କରି ବଳାତ୍କାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨ା୫(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ପଳାଶୁଣୀ ମୁଣ୍ଡାବସ୍ତି ଅଞ୍ଚଳର ବିକ୍ରମ ବଳ (୨୨)। ଥାନା ଅଞ୍ଚଳରେ ଜଣେ ୧୩ ବର୍ଷୀୟା ନାବାଳିକାଙ୍କୁ ବିଭିନ୍ନ ଦାମୀ ଉପହାର ଦେବା ସହ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ପ୍ରେମ ଜାଲରେ ଫସାଇ ଥିଲେ। ଘରେ କେହି ନ ଥିବା ବେଳେ ତାଙ୍କୁ ଅନେକ ଥର ପୂର୍ବରୁ ଅସଦାଚରଣ କରିଥିଲେ। ଏପ୍ରିଲ ୨୮ରେ ନାବାଳିକାଙ୍କ ଘର ଲୋକେ ଅନୁପସ୍ଥିତ ଥିଲା ବେଳେ ଅଭିଯୁକ୍ତ ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲେ। ଏକଥା କାହାକୁ କହିଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏ ସମ୍ପର୍କରେ ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ବୁଧବାର ଜଣାଇଥିଲେ। ପରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୭/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ପୋଲିସ ପଚରା ଉଚରା ପରେ ଡାକ୍ତରୀମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଫନୀକୁ ନେଇ ଚିଲିକାବାସୀ ଆତଙ୍କିତ



ଲୋକମାନଙ୍କୁ ଟ୍ରାକ୍ଟର ଯୋଗେ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉଛି।

**ବାଲୁଗାଁ,୨ା୫(ଡ଼ି.ଏନ.ଏ.)**

ସାମୁଦ୍ରିକ ଝଡ଼ ଫନୀ ଓଡ଼ିଶା ଉପକୂଳ ଯେତିକି ନିକଟତର ହେଉଛି ସେତିକି ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ପାଣିପାଗ ବିଭାଗ ଅନୁଯାୟୀ ଫନୀ ପୁରୀ–ସାତପଡ଼ା ମଧ୍ୟରେ ସ୍ଥଳଭାଗ ସ୍ପର୍ଶ କରିବ। ଚିଲିକା ଜଳରାଶିରେ ବାଲୁଗାଁ ଉପକୂଳରୁ ଏହାର ଦୂରତା ମାତ୍ର ୩୦ କିଲୋମିଟର। ତେଣୁ ଏହାର ପ୍ରଭାବ ଚିଲିକା ତଟାଞ୍ଚଳରେ ପଡ଼ିବ ବୋଲି ଆଶଙ୍କା ରହିଛି। ଏପରିସ୍ଥଳେ ପ୍ରଶାସନ ପକ୍ଷରୁ ଲୋକଙ୍କ ଧନଜୀବନ ସୁରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଚିଲିକା ବ୍ଲକର ଉପକୂଳବର୍ତ୍ତୀ ଗ୍ରାମ ତଥା ସୋରଣ, ନଈରୀ, ବଉଳାବନ୍ଧ ଏବଂ ବାଲୁଗାଁ ଏନ୍‌ଏସି ଅଧୀନ ସନ୍ୟାସୀନଗର, ଶାନ୍ତିନଗର, ଗୋପବନ୍ଧୁ କଲୋନୀ ଓ ନିକଟସ୍ଥ ଚନ୍ଦ୍ରାପୁଟ, ବଡ଼କୁଳ ଗ୍ରାମ ଆଦି ଅଞ୍ଚଳରୁ ଲୋକଙ୍କୁ ଗୁରୁବାର ପ୍ରଶାସନ ପକ୍ଷରୁ ସ୍ଥାନାନ୍ତର କରାଯାଇଛି। ଚିଲିକା ବିଡ଼ିଓ ବାଦଲ ମହାନ୍ତି, ତହସିଲଦାର ଶରତ ଚନ୍ଦ୍ର ମହାପାତ୍ର, ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକ୍ ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେନ୍ଦ୍ର ଖୁଣ୍ଟିଆ ପ୍ରମୁଖ ସଦଳବଳ ଚିଲିକା ତଟବର୍ତ୍ତୀ ଅଞ୍ଚଳ ବୁଲି ବିପଦପୂର୍ଣ୍ଣ ଅବସ୍ଥାରେ ଥିବା କଚ୍ଚା ଘରୁ ଲୋକଙ୍କୁ ଟ୍ରାକ୍ଟର ଯୋଗେ ବିଭିନ୍ନ ସ୍କୁଲ ଆଦି ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କାର୍ଯ୍ୟ ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ଏନ୍‌ଡ଼ିଆରଏଫ୍, ଓଡ୍ରାଫ୍ ଓ ଅଗ୍ନିଶମ କର୍ମଚାରୀ ସଜାଗ ରହିଛନ୍ତି।

## ଆଶ୍ରୟ ମିଳିଲା: ଶିଶୁ ଭୋକରେ ଶୋଇଲେ

**ଖୋର୍ଦ୍ଧା ଅଫିସ,୨ା୫**



ଖୋର୍ଦ୍ଧାର ଏକ ଆଶ୍ରୟସ୍ଥଳୀରେ ଲୋକମାନେ ରାତ୍ରିଯାପନ କରିଛନ୍ତି।

ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ୨୨ଟି ୱାର୍ଡ ପାଇଁ ୧୭ଟି ବାତ୍ୟା ଆଶ୍ରୟସ୍ଥଳ କେନ୍ଦ୍ର ଖୋଲିଛି। ଏଠାରେ ଆଶ୍ରୟ ନେଇଥିବା ଲୋକେ ରାତ୍ର ୧୦ ଟା ସୁଦ୍ଧା ଖାଇବାକୁ ଦିଆଯାଇ ନ ଥିଲା। ତେବେ ରାତି ପ୍ରାୟ ୧୦ଟା ବେଳକୁ ଖୋର୍ଦ୍ଧା ମ୍ୟୁନିସିପାଲିଟିରେ ରୋଷେଇ ଚାଲୁ ଥିବା ଦେଖିବାକୁ ମିଳିଥିଲା। ବାତ୍ୟା ଆଶ୍ରୟସ୍ଥଳରେ ଶିଶୁମାନେ ଭୋକ ଉପାସରେ ଶୋଇବାକୁ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷେ ଚିଲିକା ବ୍ଲକରେ ଅଧିକାଂଶ ଗାଁର ଲୋକେ ବାତ୍ୟା ସମ୍ପର୍କରେ ସୂଚନା ପାଇ ପାରି ନଥିଲେ । ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ କାଟ ଚାଲିଥିବାବେଳେ ଲୋକମାନେ ବାତ୍ୟା ଖବର ପାଇବାରେ ଅସମର୍ଥ ହୋଇଥିବାର ଅଭିଯୋଗ ହୋଇଛି । ଏଣୁ ଅଧିକାଂଶ ଲୋକ ବିପଦ ସଙ୍କୁଳ ଘରେ ରହିବି ସ୍ଥାନାନ୍ତର ହୋଇ ନ ଥିଲେ।

### ସ୍କୁଲ ବାରଣ୍ଡାରେ ୨ ଘଣ୍ଟା

ବର୍ଷା ପବନ ଆରମ୍ଭ ହେବା ପରେ ଖୋର୍ଦ୍ଧା ସହରର ବ୍ଲକ ଆରିଓ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନୀୟ ଡମସାହି ବସ୍ତିର ଲୋକେ ଚାଲି ଆସିଥିଲେ। ତେବେ ସେତେବେଳକୁ ସ୍କୁଲ କୌଣସି କୋଠରି ଖୋଲି ନ ଥିଲା। ଲୋକେ ବରଣ୍ଡାରେ ୨ ଘଣ୍ଟା ଅପେକ୍ଷା କଲେ। ୨ ଘଣ୍ଟା ପରେ ଶିକ୍ଷକ ପହଞ୍ଚି ସ୍କୁଲ କୋଠରୀ ଖୋଲିଥିଲେ।

### ଫନୀ ପାଇଁ ଜଟଣୀ, ବେଗୁନିଆ, ବୋଲଗଡ଼ରେ ଖୋଲିଲା ୨୦୯ ଆଶ୍ରୟସ୍ଥଳୀ

**ବେଗୁନିଆ/ଜଟଣୀ/ ବୋଲଗଡ଼,୨ା୫(ଡି.ଏନ.ଏ.):**

ସାମୁଦ୍ରିକ ଝଡ ଫନୀ ମାଡି ଆସୁଛି ବୋଲି ଲୋକଙ୍କୁ ସରକାରଙ୍କ ପକ୍ଷରୁ ବାରମ୍ବାର ସତର୍କ ସୂଚନା ଜାରି କରାଯାଉଛି। ବେଗୁନିଆ ବ୍ଲକ ପ୍ରଶାସନ ପକ୍ଷରୁ ବାତ୍ୟା ସମୟରେ ଲୋକେ ଯେଭଳି ପ୍ରଭାବିତ ନ ହେବେ ସେଥିପାଇଁ ୧୧୦ ଆଶ୍ରୟସ୍ଥଳୀ ଖୋଲା ଯାଇଛି। ସେମାନଙ୍କୁ ତଦାରଖ କରିବାକୁ ୧୦ ନୋଡାଲ ଅଫିସର ଓ ୧୦ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ବିଡିଓ ରବୀନ୍ଦ୍ର ମାଝିଙ୍କ ପକ୍ଷରୁ ସୂଚନା ମିଳିଛି। ଜଟଣୀ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ସାମୁଦ୍ରିକ ଝଡ଼ ଫନୀର ମୁକାବିଲା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବିଶେଷକରି ବସ୍ତି, ତଳିଆ ଅଞ୍ଚଳ ଓ କଚ୍ଚା ଘରେ ରହୁଥିବା ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏ ନେଇ ଜଟଣୀ ବ୍ଲକ ଏବିଡିଓ ଜୟସୂର୍ଯ୍ୟ ରଥ ଓ ଅତିରିକ୍ତ ତହସିଲଦାର ଦିଲୀପ କୁମାର ଷଡ଼ଙ୍ଗୀ କୁହନ୍ତି, ବ୍ଲକ ଅଞ୍ଚଳରେ ଥିବା ତିନୋଟି ବାତ୍ୟା ଆଶ୍ରୟସ୍ଥଳୀ ବ୍ୟତୀତ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ ଓ ଅନ୍ୟ ସୁରକ୍ଷିତ ସ୍ଥାନରେ ୫୪ଟି ଆଶ୍ରୟସ୍ଥଳୀ କରାଯାଇଛି। ସେହିପରି ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ୩୫ ଟି ଆଶ୍ରୟସ୍ଥଳୀ ଖୋଲାଯାଇଛି। ସେଠାକୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି।

## ବାତ୍ୟା ସମୀକ୍ଷା କଲେ ଆଡିସିନାଲ ଡିଜି

**ଖୋର୍ଦ୍ଧା ଅଫିସ,୨ା୫**

ସାମୁଦ୍ରିକ ଝଡ ଫନୀକୁ ଦୃଷ୍ଟିରେ ରଖି ଆଡିସିନାଲ ଡିଜି ଆର.ପି. କୋଚେ ଖୋର୍ଦ୍ଧା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଗୁରୁବାର ସମୀକ୍ଷା କରିଛନ୍ତି। ଅନୁଷ୍ଠିତ ବୈଠକରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଏସ୍‌ପି ଅମୂଲ୍ୟ ଦାସ, ଅତିରିକ୍ତ ଏସ୍‌ପି, ଏଓଡିପିଓ, ଡିଏସ୍‌ପି ଉପସ୍ଥିତ ଥିଲେ। ସାମୁଦ୍ରିକ ଝଡ ଫନୀ ଦାଉରୁ ଲୋକମାନଙ୍କୁ ତଳି ଅଞ୍ଚଳରୁ ସ୍ଥାନାନ୍ତର କରି ଉଚ୍ଚ ସ୍ଥାନକୁ ନିଆଯାଉଥିବା କହିଛନ୍ତି। ସେମାନଙ୍କୁ ମାଗଣାରେ ରୋଷେଇ ଖାଦ୍ୟ, ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ପାଳିତ ପଶୁଙ୍କୁ ମଧ୍ୟ ସୁରକ୍ଷା ଦେବାକୁ କୁହାଯାଇଛି। ଗଛ ପଡି ରାସ୍ତା ଅବରୋଧ ହେଲେ ପୋଲିସ ପକ୍ଷରୁ ଏହାକୁ ସଫା କରିବାକୁ କୁହାଯାଇଛି। ଜାତୀୟ ରାଜପଥରେ ପାଟ୍ରୋଲିଂକୁ କଡାକଡି ସହ ଗଛ ପଡିଲେ ତୁରନ୍ତ ସଫା କରିବାକୁ କୁହାଯାଇଛି। ଜାତୀୟ ରାଜପଥ କଡରେ ଗଢ଼ି ଉଠିଥିବା ଝୁମ୍ପୁରି ଜାଗାରୁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ କୁହାଯାଇଛି। ଏମାନଙ୍କୁ ମାଗଣା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ଥାନାରେ ମଧ୍ୟ ଘର ଛାଡୁଥିବା ଲୋକଙ୍କୁ ଆଶ୍ରୟ ଦେବାକୁ କୁହାଯାଇଛି।

### ହାତଗୋଡ ବାନ୍ଧି ଡକାୟତି

## ୭ ଲକ୍ଷ ଟଙ୍କାର ଅଳଙ୍କାର ସହ ଟଙ୍କା ଲୁଟ୍

**ଭୁବନେଶ୍ୱର,୨ା୫ (ବ୍ୟୁରୋ)**

ରାଜଧାନୀରେ ଚାଞ୍ଚଲ୍ୟ। ଇନ୍‌ଫୋସିଟି ଥାନା ଅଧୀନ ମାରୁତି ଭିଲା ପ୍ଲଟ୍ ନଂ–ଡି/୧୦ରେ ରହୁଥିବା ଜଣେ କଣ୍ଟ୍ରାକ୍ଟରଙ୍କ ଘରୁ ବୁଧବାର ରାତିରେ ଡକାୟତି ହୋଇଛି। ପରିବାର ଲୋକେ ଶୋଇଥିବା ବେଳେ ୧୦ଜଣିଆ ଏକ ଡକାୟତ ଗ୍ୟାଙ୍ଗ ରୋଷେଇ ଘର ଝରକା ତାଡ଼ି ଭିତରେ ପଶିଥିଲେ। ପରିବାର ଲୋକଙ୍କୁ ମାରଣାସ୍ତ୍ର ଦେଖାଇ ଧମକ ଦେବା ପରେ ହାତଗୋଡ ବାନ୍ଧି ୭ ଲକ୍ଷ ଟଙ୍କାର ସୁନାଗହଣା ସହ ନଗଦ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ କଣ୍ଟ୍ରାକ୍ଟର କାଶୀନାଥ ଯାଦବ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ହେଲେ ଉକ୍ତ ଗ୍ୟାଙ୍ଗ୍ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଅଭିଯୋଗ ଆଧାରରେ ନଂ. ୧୯୨/୧୯ରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ୮ ହଜାର ୫ଶହ ଲୋକ ନିରାପଦ ଜାଗାକୁ ସ୍ଥାନାନ୍ତର

**କୃଷ୍ଣପ୍ରସାଦ,୨ା୫(ଡି.ଏନ.ଏ.)**



ବାତ୍ୟାରୁ ସୁରକ୍ଷା ନିମନ୍ତେ ଲୋକେ ପ୍ରାର୍ଥନା କରୁଛନ୍ତି।

କୃଷ୍ଣପ୍ରସାଦରେ ଫନୀ

■ପ୍ରଶାସନର ଆଡୁଆଳରେ ଆଳୁପାଟଣା, ରସକୁଦି
■ବନ୍ୟପ୍ରାଣୀଙ୍କ ସାହାଭରସା କେହି ନାହିଁ
■ମାଲୁଦ ବାତ୍ୟା ଆଶ୍ରୟସ୍ଥଳରେ ଅବ୍ୟବସ୍ଥା

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ଫନୀ ଆତଙ୍କ ସୃଷ୍ଟି ହୋଇଛି । ଲୋକେ ଧନ, ଜୀବନ ସୁରକ୍ଷା ନିମନ୍ତେ କଚ୍ଚାଘର ଛାଡି ପକ୍କାଘରକୁ ସ୍ଥାନାନ୍ତର ହୋଇଛନ୍ତି। ସରକାରୀ ସହଯୋଗ କ୍ରମେ ଗୁରୁବାର ବାତ୍ୟା ଆଶ୍ରୟସ୍ଥଳୀ, ଅଙ୍ଗନୱାଡି ଓ ବିଦ୍ୟାଳୟକୁ ନିଜ ଆସବାବପତ୍ର, ଦରକାରୀ କାଗଜପତ୍ର ନେଇଛନ୍ତି। ଏହି ବ୍ଲକରୁ ପ୍ରାୟ ୮ହଜାର ୫ଶହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ବ୍ଲକ ପ୍ରଶାସନ ତରଫରୁ ଜଣେ ଜଣେ ଅଧିକାରୀଙ୍କୁ ସେକ୍ଟର ଅଫିସର ଭାବେ ନିଯୁକ୍ତି ଦିଆଯାଇଛି । ସ୍ଥାନାନ୍ତର ବେଳେ ଏହି ଅଧିକାରୀମାନେ ଲୋକଙ୍କୁ ସହଯୋଗ କରିଥିଲେ। ଆଜବେଷ୍ଟସ ଚାଦର ଘର, ଚାଳ ଛପର ଘର ଆଦି ବିପଜ୍ଜନକ ସ୍ଥାନ ଛାଡି ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ଅଧିକାରୀମାନେ ଲୋକଙ୍କୁ କହିଥିଲେ । ବନ୍ୟା,ବାତ୍ୟାର ମୁକାବିଲା ପାଇଁ ଜେନେରେଟର, ଡଙ୍ଗା ଆଦି ସାମଗ୍ରୀ ସହ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ମାଲୁଦ ଅଗ୍ନିଶମ ବାହିନୀ ଅଧିକାରୀ ସୌମ୍ୟରଞ୍ଜନ ପରିଡା କହିଥିଲେ। ୨ଟି ବାତ୍ୟାରେ କାମ କରି ଆମର ଅଭିଜ୍ଞତା ରହିଛି ଏବଂ ଫନି ଯୋଗୁ ବାତ୍ୟା/ବନ୍ୟା ମୁକାବିଲା ଉଦ୍ଧାର କାର୍ଯ୍ୟରେ ଆମକୁ ବହୁତ ଆନନ୍ଦ ମିଳିଥାଏ ବୋଲି ସେ କହିଥିଲେ। ପୂର୍ବରୁ ଗାଡିର ଅଭାବ ଥିବାବେଳେ ବର୍ତ୍ତମାନ ଆମ ପାଖରେ ଗୋଟିଏ ଗାଡି ଅଛି। ଆଉ ଗୋଟିଏ ଗାଡି ଆସିବାର ଅଛି ବୋଲି ପରିଡ଼ା କହିଥିଲେ।

ତେବେ ଆଳୁପାଟଣା ଓ ରସକୁଦି ପଞ୍ଚାୟତ ପ୍ରଶାସନ ସହଯୋଗର ଆଡୁଆଳରେ ରହିଯାଇଥିବା ଅଭିଯୋଗ ହୋଇଛି। ଏଠାରେ ସରକାରୀ ସହାୟତା ପହଞ୍ଚିପାରିନି। କୃଷ୍ଣପ୍ରସାଦ ବିଡିଓ ଜିତେନ୍ଦ୍ର ନାୟକଙ୍କୁ ଏ ବିଷୟରେ ପଚାରିବାରୁ ସେ ଏ ବିଷୟରେ ଅବଗତ ନ ଥିବା ପ୍ରକାଶ କରିଥିଲେ। ତେବେ ଏଥିନେଇ ସେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ଧନ, ଜୀବନ କିଛି ବି କ୍ଷତି ହେବା ପାଇଁ ଦେବୁ ନାହିଁ ବୋଲି ବିଡିଓ କହିଥିଲେ। ପାଇଁ ସରକାରୀସ୍ତରରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଘୋଷଣା ହୋଇଥିବାବେଳେ ମାଲୁଦ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ଅବ୍ୟବସ୍ଥାର ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ହୋଇଛି। । ଆଶ୍ରୟସ୍ଥଳ ଅପରିଷ୍କାର ଅବସ୍ଥାରେ ରହିଛି। ବିଦ୍ୟୁତ୍, ଆଲୋକ, ପାଇଖାନା ଓ ବିଭିନ୍ନ ସମସ୍ୟା ମଧ୍ୟରେ ଆଶ୍ରୟସ୍ଥଳ ଥିବାରୁ ଲୋକେ ଏଠାରେ କିପରି ରହିପାରିବେ ସେ ନେଇ ଚିନ୍ତା ପ୍ରକଟ ହୋଇଛି। ଅନ୍ୟପକ୍ଷରେ ପିକ୍‌ନିକ୍ ସ୍ଥଳ ଭାବେ ପରିଚିତ ରାଜହଂସ ନିକଟରେ ୨ ହଜାରରୁ ଉର୍ଦ୍ଧ୍ୱ ଗାଈ, ବଳଦ, ମଇଁଷି ରହିଛନ୍ତି। ସେମାନଙ୍କ ସୁରକ୍ଷା ପ୍ରତି ବ୍ୟବସ୍ଥା ନାହିଁ। ଜଙ୍ଗଲରେ ଗଛ ଭାଙ୍ଗିଲେ ଜଙ୍ଗଲୀ ଗାଈ, ବଳଦ, ମଇଁଷି , ବାରହା, ମୟୂର ଆଦି ମରିବାର ମଧ୍ୟ ଆଶଙ୍କା ରହିଛି । ଏ ସମ୍ପର୍କରେ ସାତପଡ଼ାସ୍ଥିତ ବନପାଳଙ୍କୁ ପଚାରିବାରୁ ସେ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କିଛି ବ୍ୟବସ୍ଥା ନ ଥିବା କହିଥିଲେ।

### ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଦରସିଝା

**ବାଲକାଟୀ,୨ା୫(ଡି.ଏନ୍.ଏ.)**

ବାତ୍ୟା 'ଫନୀ' ପାଇଁ ପ୍ରତାପ ଶାସନ ପଞ୍ଚାୟତର ପ୍ରତାପ ଶାସନ ବାଳିକା ଉଚ୍ଚ ବିଦ୍ୟାଳୟରେ ୩୫୦ଜଣ, ପି.ଜି.ଏନ ପବ୍ଲିକ ସ୍କୁଲରେ ୨୫୦, ବିଜୁ ପଟ୍ଟନାୟକ ଉ.ପ୍ରା. ବିଦ୍ୟାଳୟରେ ୧୮୭ଜଣ ଆଶ୍ରୟ ନେଇଥିବା ପଞ୍ଚାୟତ ଅଧିକାରୀ ଅଜୟ କୁମାର ସୁନ୍ଦରାୟ କହିଛନ୍ତି। ପି.ଜି.ଏନ ପବ୍ଲିକ ସ୍କୁଲରେ ଅପରାହ୍ନ ସାଢେ ୫ ଟାରେ ଦିଆଯାଇଥିବା ଖେଚୁଡ଼ି ଦରସିଝା ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

### କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗିଲା

**ନିରାକାରପୁର,୨ା୫(ଡି.ଏନ.ଏ.)**

ନିରାକାରପୁର ରେଳ ଷ୍ଟେଶନ ୪ ନମ୍ବର ପ୍ଲାଟ୍ ଫର୍ମରେ ଥିବା ଏକ କୋଇଲା ବୋଝେଇ ଟ୍ରେନ୍‌ରେ ଗୁରୁବାର ପୂର୍ବାହ୍ନରେ ନିଆଁ ଲାଗିଯାଇଥିଲା। ଷ୍ଟେଶନ ମାଷ୍ଟର ଟାଙ୍ଗୀ ଦମକଳ ବାହିନୀକୁ ଖବର ଦେବାପରେ ବିଭାଗୀୟ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ମେ ୩/୨୦୧୯ Bhubaneswar, Friday, May 3/2019


## ବାତ୍ୟା ମୁକାବିଲା ପାଇଁ ଡିଜିପିଙ୍କ ବୈଠକ

# ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍, ବନ୍ଦ ରହିବ ଘରୋଇ ବସ୍ ସେବା

ଭୁବନେଶ୍ୱର,୨।୫ (ବ୍ୟୁରୋ)

ସାମୁଦ୍ରିକ ବାତ୍ୟା 'ଫନୀ'କୁ ମୁକାବିଲା କରିବା ପାଇଁ ଓଡିଶା ପୋଲିସ ପୂରା ପ୍ରସ୍ତୁତ ରହିଛି। ବାରମ୍ବାର ବୈଠକ ବସି ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଗୁରୁବାର ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଘରୋଇ ବସ୍ ମାଲିକ ସଂଘ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଜିଲା ପ୍ରଶାସନ ଉପସ୍ଥିତ ରହି ଆଲୋଚନା କରିଥିଲେ। ନିଷ୍ପତ୍ତି ଅନୁସାରେ, ଶୁକ୍ରବାର ସକାଳୁ ଶନିବାର ସକାଳ ପର୍ଯ୍ୟନ୍ତ ଘରୋଇ ବସ୍ ସେବା ବନ୍ଦ ରଖାଯାଇଛି। ପରେ ସ୍ଥିତିକୁ ଦେଖି ବସ୍ ଚଳାଚଳ ନେଇ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ସମସ୍ତ ପୋଲିସ କର୍ମଚାରୀ ଓ ଅଫିସରଙ୍କ ଛୁଟି ବାତିଲ କରାଯାଇଛି। ଉଦ୍ଧାର କାର୍ଯ୍ୟ ପାଇଁ ୧୩୫ ପ୍ଲାଟୁନ ପୋଲିସ ଫୋର୍ସ ପ୍ରସ୍ତୁତ ଅଛନ୍ତି। ଏଥିମଧ୍ୟରେ ଅଛନ୍ତି ଓଏସ୍ଏପି, କନଷ୍ଟେବଲ, ଜିଲା ପୋଲିସ ଓ ଗୃହରକ୍ଷୀ। ପ୍ରସ୍ତୁତ ଏହି ପୋଲିସ ବାହିନୀ ପାଇଁ ହାଇଆର୍ଲଟ ଜାରି କରାଯାଇଛି। ସେମାନେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେବାରେ ସହଯୋଗ କରିବେ। ଘର ଛାଡୁ ନ ଥିବା ଲୋକଙ୍କୁ ବୁଝାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କ୍ଷେତ୍ରରେ ପ୍ରମୁଖ ଭୂମିକା ନେବେ।

ସେହିଭଳି ଦାୟିତ୍ୱରେ ଥିବା ଆଇପିଏସ୍‌ମାନଙ୍କୁ ବାତ୍ୟା ପ୍ରଭାବିତ ହେବାକୁ ଥିବା ଜିଲାଗୁଡିକୁ ପଠାଇଦିଆଯାଇଛି। ସେମାନେ ସେଠାରେ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ସହ ଅନ୍ୟ ସମସ୍ତ କାର୍ଯ୍ୟର ତଦାରଖ କରିବେ। ସେହିଭଳି ଉଦ୍ଧାର କାର୍ଯ୍ୟ ଓ ରିଲିଫ ପାଇଁ ୨୦ ଓଡ୍ରାଫ ୟୁନିଟ୍‌କୁ ବିଭିନ୍ନ ଜିଲାକୁ ପଠାଇ ଦିଆଯାଇଛି। ସେମାନଙ୍କୁ ପାୱାର ବୋଟ୍, ରୋଡ୍ କ୍ଲିନିଂ ମେଶିନ୍ ଦିଆଯାଇଛି। ବାତ୍ୟା ଲ୍ୟାଣ୍ଡଫଲ୍ ହେବାପରେ ଯୋଗାଯୋଗ ସଂପୂର୍ଣ୍ଣଭାବେ ବିଚ୍ଛିନ୍ନ ହୋଇଯିବ। ଏହି ସମୟରେ ଯୋଗାଯୋଗ କ୍ଷେତ୍ରକୁ ସ୍ୱାଭାବିକ ରଖିବାକୁ ଭିଏସ୍ଏଫ୍ ଏବଂ ଏଚ୍ଏଫ୍‌କୁ ବ୍ୟବହାର କରିବା ପାଇଁ କୁହାଯାଇଛି। ଅତିରିକ୍ତ ବ୍ୟାଟେରି ଚାର୍ଜର, ଇଣ୍ଟରନାଲ କେବୁଲ, ଜେନେରଟର ଓ ଟେକ୍ନିକାଲ ମ୍ୟାନ୍ ପାୱାର ସାଥିରେ ନେବାକୁ କୁହାଯାଇଛି। ଜିଲାପ୍ରଶାସନ ମଧ୍ୟ ଜରୁରିକାଳୀନ ପରିସ୍ଥିତିରେ ଏହି ପୋଲିସ ନେଟ୍‌ୱର୍କକୁ ବ୍ୟବହାର କରିପାରିବେ। କ୍ଷତିଗ୍ରସ୍ତ ହେବାକୁ ଥିବା ଜିଲାଗୁଡିକରେ ୱାକିଟକି, ସାଟେଲାଇଟ୍ ଫୋନ୍, ମେଗାଫୋନ୍ ବ୍ୟବହାର କରିବା ପାଇଁ ଦିଆଯାଇଛି। ଥାନାଗୁଡିକରେ ଥିବା ଭ୍ୟାନ୍‌ଗୁଡିକୁ ସଜାର ରଖିବା ପାଇଁ ନିର୍ଦ୍ଦେଶ ରହିଛି। କ୍ଷତିଗ୍ରସ୍ତ ଜିଲା ସହ ଯୋଗାଯୋଗ ପାଇଁ ରାଜ୍ୟ ପୋଲିସ ମୁଖ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ରଖାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଜେନେରେଟର ଚାଲିବା ପାଇଁ ଆବଶ୍ୟକ ପରିମାଣର ତେଲ ମହଜୁଦ ରଖିବାକୁ କୁହାଯାଇଛି। ପୋଲିସ ଭ୍ୟାନରେ ପିଇବା ପାଣି ମଧ୍ୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ ଡିଜି ଶର୍ମା ବିଭିନ୍ନ ଜିଲାର ଏସ୍‌ପିଙ୍କ ସହ ନିୟମିତ ଯୋଗାଯୋଗରେ ଅଛନ୍ତି। ଆଇନ ଶୃଙ୍ଖଳା, ଉଦ୍ଧାର କାର୍ଯ୍ୟ ଓ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର ଆଦି ବିଷୟରେ ନିୟମିତ ପଚାରି ବୁଝୁଛନ୍ତି।




# ସଜାଗ ରହିବାକୁ ଏସିପି, ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ

- ଜିଲା ପ୍ରଶାସନ ସହ ଯୋଗଯୋଗ ରଖିବାକୁ ପରାମର୍ଶ
- ଲୁଟ୍‌ପାଟ ରୋକିବାକୁ ପାଟ୍ରୋଲିଂ କଡାକଡି ନିର୍ଦ୍ଦେଶ



ବୈଠକରେ ଉପସ୍ଥିତ ପୋଲିସ କମିଶନର ସତ୍ୟଜିତ ମହାନ୍ତି ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର,୨।୫ (ବ୍ୟୁରୋ)

ବାତ୍ୟା 'ଫନୀ'କୁ ନେଇ ଏବେ ଲୋକେ ଆତଙ୍କିତ। ଶୁକ୍ରବାର ସକାଳ ୮ଟାରୁ ୧୦ଟା ମଧ୍ୟରେ ପୁରୀ ଉପକୂଳ ଛୁଇଁବା ପରେ ତାଣ୍ଡବ ରଚିବ ବାତ୍ୟା। ନିକଟରେ ଥିବା ଭୁବନେଶ୍ୱର ଓ କଟକ ଦ୍ୱୈତନଗରୀରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ଘଟାଇବ। ତେଣୁ ଫନୀ ମୁକାବିଲା ପାଇଁ କମିଶନରେଟ ପୋଲିସ ମୁଖ୍ୟାଳୟରେ ବୁଧବାର ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, କଟକ ଡିସିପି ଅଖିଳେଶ୍ୱର ସିଂ, ଏକାଧିକ ଜୋନ୍ ଏସିପି ଓ ଟ୍ୱିନ୍ ସିଟିର ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ବାତ୍ୟାକୁ କିଭଳି ମୁକାବିଲା କରି ଲୋକଙ୍କ ଧନଜୀବନକୁ ସୁରକ୍ଷିତ ରଖାଯାଇପାରିବ ସେନେଇ ସଜାଗ ରହିବାକୁ କମିଶନର ମହାନ୍ତି ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଯୋଗଯୋଗ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ଉଦ୍ଧାର କାର୍ଯ୍ୟ ପାଇଁ ଯୋଗାଯୋଗ ବ୍ୟବସ୍ଥାକୁ କିଭଳି ତୁରନ୍ତ ସ୍ୱାଭାବିକ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା। ପୋଲିସ କଣ୍ଟ୍ରୋଲ ରୁମ୍‌ରେ ଥିବା ମେକାନିକ୍ ଟିମ୍‌କୁ ସଜାଗ ରହିବାକୁ କୁହାଯାଇଛି। ଭିଏଚ୍ଏଫ୍ ଓ ଅନ୍ୟ ବ୍ୟାଟେରିକୁ ଫୁଲ୍ ଚାର୍ଜ କରି ରଖାଯିବା ସହ ଅନ୍ୟ ଯାନ୍ତ୍ରିକ ସରଞ୍ଜାମକୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି।

ସେହିଭଳି ଡିସିପି ଆର୍ମ୍ସକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଯେଉଁ ଥାନା ଅଞ୍ଚଳରେ ଏକାଧିକ କ୍ଷୟକ୍ଷତି ହୋଇଥିବ ସେଠାକୁ କିଭଳି ଶୀଘ୍ର ଓଡ୍ରାଫ ଟିମ୍ ଯିବ ତାହାର ବ୍ୟବସ୍ଥା କରିବେ। ଏହାସହ ଓଡ୍ରାଫ ଟିମ୍‌ର ନେତୃତ୍ୱ ଆର୍ମ୍ସ ଡିସିପି ନେବେ। ବାତ୍ୟା ପରେ ଶିଳ୍ପାଞ୍ଚଳ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଲୁଟପାଟ ଆଶଙ୍କା ରହିଥିବାରୁ ସେସବୁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢାଇବାକୁ ଥାନା ଅଧିକାରୀ ଓ ଜୋନ୍ ଏସିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୫୦ କି.ମି.ରୁ ଅଧିକ ବେଗରେ ପବନ ହେଲେ ବିଦ୍ୟୁତ୍ କାଟ ହେବ। ତେଣୁ ବିଦ୍ୟୁତ କାଟ ପରେ ଅପରାଧ ଘଟିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ପୋଲିସ ପାଟ୍ରୋଲିଂ ବଢାଇବା ପାଇଁ କୁହାଯାଇଛି। ଏପରିକି ବାଇକ ଓ ଫୁଟ୍ ପାଟ୍ରୋଲିଂ କରିବାକୁ ପରାମର୍ଶ ଦିଆଯାଇଛି।

ସେହିଭଳି ନିୟମିତ ସ୍ଥାନୀୟ ପ୍ରଶାସନ ସହ ଯୋଗାଯୋଗ ରଖିବାକୁ ଥାନା ଅଧିକାରୀ ଓ ଏସିପିମାନଙ୍କୁ କୁହାଯାଇଛି। ଯଦି ମୋବାଇଲ୍ ଫୋନ୍ ଫେଲ୍ ହେବ ତେବେ ସେମାନେ ପୋଲିସ ରେଡିଓ ଏବଂ ୱେୟାରଲେସ୍ ମାଧ୍ୟମରେ ଯୋଗାଯୋଗ ରଖିବେ। ବଡ଼ଧରଣର ଦୁର୍ଘଟଣା ଘଟିଲେ ସ୍ଥାନୀୟ ଥାନା ଅଧିକାରୀ ଜିଲା ପ୍ରଶାସନକୁ ଜଣାଇବେ। ପ୍ରଶାସନ ରିଲିଫ ଯୋଗାଇବା ସମୟରେ ମଧ୍ୟ ପୋଲିସ ସହାୟତା ଦେବ। ରିଲିଫ୍ ଗାଡି ଯିବା ସମୟରେ ଗଛପଡି ଅବରୋଧ ହୋଇଥିଲେ ପୋଲିସ ରାସ୍ତା ସଫା କରିବାରେ ସହଯୋଗ କରିବେ। ଏହାସହ ବିଏମ୍‌ସି, ସିଏମ୍‌ସି, ସେସୁ, ଆର୍ ଆଣ୍ଡ୍ ବି, ପିଏଚ୍‌ଡି, ଅଗ୍ନିଶମ ବିଭାଗକୁ ସହଯୋଗ କରିବା ପାଇଁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି।




## ଆନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ୍‌ର ୫ ଗିରଫ

ଭୁବନେଶ୍ୱର, ୨।୫(ବ୍ୟୁରୋ)

ରେଲ୍‌ୱେ ଷ୍ଟେଶନରେ ଚୋରି ଓ ଯାତ୍ରୀଙ୍କଠାରୁ ଲୁଟ୍ କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗ୍‌ର ୫ଜଣ ପୋଲିସ ହାତରେ ଧରାପଡ଼ିଛନ୍ତି। ଆର୍‌ପିଏଫ୍ ଓ ଏସ୍‌ଟିଏଫ୍ ଟିମ କ୍ୟାପିଟାଲ ଥାନା ଅନ୍ତର୍ଗତ ଫାଳିକିଆ ବସ୍ତିରେ ଚଢାଉ କରି ୨ଜଣ ଓଡ଼ିଆ ଓ ୩ଜଣ ବିହାରୀ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାରର ପପୁ କୁମାର, ଅବିନାଶ କୁମାର, ଧୀରଜ କୁମାର, ଭୁବନେଶ୍ୱର ଫାଳିକିଆ ବସ୍ତିରେ ରହୁଥିବା ଦୀପକ ପ୍ରଧାନ ଓ ତ୍ରିଲୋଚନ ପ୍ରଧାନ। ସେମାନଙ୍କ ନିକଟରୁ ପୋଲିସ ଛୁରି, ଖୁର, ମୁଖା, ଲଙ୍କାଗୁଣ୍ଡ ସହ ମୋବାଇଲ ଫୋନ୍ ଓ ବ୍ୟାଗ୍ ଜବତ କରିଛି। ସୂଚନା ମୁତାବକ, କିଛିଦିନ ହେବ ଭୁବନେଶ୍ୱର ରେଲ୍‌ୱେ ଷ୍ଟେଶନରେ ଚୋରି ବଢ଼ି ଚାଲିଥିବାବେଳେ ପ୍ରତିଦିନ ଟ୍ରେନଯାତ୍ରୀ ଲୁଟ୍‌ର ଶିକାର ହେଉଥିବା ଅଭିଯୋଗ ହୋଇ ଆସୁଛି। ଏ ନେଇ ଆର୍‌ପିଏଫ୍ ଓ ଏସ୍‌ଟିଏଫ୍‌କୁ ନେଇ ଗଠିତ ଟିମ୍ ଯାତ୍ରୀଙ୍କଠାରୁ ଚୋରି ଓ ଲୁଟ୍ ହୋଇଥିବା ମୋବାଇଲ୍ ଫୋନ୍‌କୁ ଟ୍ରାକିଂ କରି ଠାବ କରିବା ପରେ ବୁଧବାର ରାତିରେ ଫାଳିକିଆ ବସ୍ତିରେ ଚଢାଉ କରିଥିଲା। ତେବେ ଧରାପଡିଥିବା ୫ଜଣଙ୍କୁ ପଚରାଉଚରାବେଳେ ପୋଲିସ ବହୁ ତଥ୍ୟ ହାସଲ କରିଛି। ଉକ୍ତ ଲୁଟେରା ଗ୍ୟାଙ୍ଗ୍ ବିଶାଖାପାଟଣା ଓ କୋଲକାତାରୁ ଆସୁଥିବା ଟ୍ରେନ ଯାତ୍ରୀଙ୍କୁ ଟାର୍ଗେଟ କରିଥାନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।

-ସେନେକା



## ସଂକ୍ଷେପରେ

### ଯୌତୁକ ନିର୍ଯାତନା ମାମଲା: ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲଦଣ୍ଡ

**କଟକ ଅଫିସ, ୨।୫:** ଯୌତୁକ ନିର୍ଯାତନା ଓ ଅସଦାଚରଣ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଜେଲ, ଜରିମାନା ଦଣ୍ଡାଦେଶ ହୋଇଛି। ଦୁଇଟି ପୃଥକ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କଟକ ସଦର ଏସ୍‌ଡିଜେଏମ୍ ଅଭିଯୁକ୍ତଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ସୂଚନାଥାଉ କି, ବିଡ଼ାନାସୀ ଥାନା ଅଧୀନ କୁମ୍ଭାରସାହି ଅଞ୍ଚଳର ପିଙ୍କି ବେହେରା ନାମ୍ନୀ ଜଣେ ଯୁବତୀ ୨୦୦୫ରେ ତେଲେଙ୍ଗାବଜାର ଅଞ୍ଚଳର ଦୀପକ ମୁଦୁଲିଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷର ଦାବି ମୁତାବକ ଯୌତୁକ ପିଙ୍କିଙ୍କ ପରିବାର ପକ୍ଷରୁ ଦିଆଯାଇଥିଲା। ପରେ ଶାଶୁଘର ପକ୍ଷରୁ ପିଙ୍କିଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପିଙ୍କିଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ମାମଲାର ଶୁଣାଣି କରି ବିଚାରପତି ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଜେଲ୍ ଓ ଜରିମାନା ଦଣ୍ଡିରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ ପୁରୀଘାଟ ଥାନା ଅଧୀନ ମାଣିକଘୋଷ ବଜାରର ଜଣେ ମହିଳାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଅସଦାଚରଣ କରିଥିଲେ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ଆଧାର କରି କୋର୍ଟ ଅଭିଯୁକ୍ତ ଗୋବିନ୍ଦ ଚନ୍ଦ୍ର ବାରିକଙ୍କୁ ୩ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୩ ମାସ ଜେଲ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

### ମହୁମାଛି ଆକ୍ରମଣରେ ଜଣେ ମୃତ, ୧ ଗୁରୁତର

**ନିଶ୍ଚିନ୍ତକୋଇଲି, ୨।୫(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ୨ଟି ପୃଥକ ସ୍ଥାନରେ ମହୁମାଛି ଆକ୍ରମଣରେ ଗୁରୁବାର ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଏଥିସହ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମହୁମାଛି ଆକ୍ରମଣରେ ବ୍ଲକ ସରପଡା ପଞ୍ଚାୟତ ଅନ୍ତର୍ଗତ ବୋଧଙ୍ଗ ଗ୍ରାମରେ ସ୍ୱର୍ଗତ ଧରଣୀଧର ସେଠୀଙ୍କ ପୁଅ ଜ୍ଞାନରଞ୍ଜନ ସେଠୀ (୨୯)ଙ୍କ ମୃତ୍ୟୁ ଘଟିଛି। ସେ ପୂର୍ବାହ୍ନରେ ସ୍ଥାନୀୟ ବଜାରରେ ଚା' ପିଉଥିବା ସମୟରେ ମହୁମାଛି ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ଏହି ବ୍ଲକର ଜୟରାମପୁର ପଞ୍ଚାୟତ ଅନ୍ତର୍ଗତ କାଜିହାଟ ନିକଟରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇଥିବା ବେଳେ ଆଉ ୨ ଜଣ ଆହତ ହୋଇଛନ୍ତି। ଏଠାରେ ଥିବା ପୋଲ ନିକଟ ଏକ ବରଗଛରେ ମହୁ ଫେଣା ହୋଇଥିଲା। କେହି ଜଣେ ମହୁବସା ଭାଙ୍ଗିବା ଉଦ୍ଦେଶ୍ୟରେ ସେଠାକୁ ଟେକା ମାରିଥିଲେ। ପରେ ମହୁମାଛିମାନେ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଆରମ୍ଭ କରିଥିଲେ । ଫଳରେ ଗଛ ନିକଟରେ ଥିବା ଜଗନ୍ନାଥପୁର ଗ୍ରାମର ସେକ ରଫିକ୍(୫୨) ଗୁରୁତର ହୋଇଥିଲେ। ଗୁରତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି। ସେହିପରି ଏହି ମହୁମାଛି ଆକମ୍ରଣରେ ଉକ୍ତ ଗ୍ରାମର ସେକ କିନ ଓ ଜୟରାମପୁର ଗ୍ରାମର ରମେଶ ଚନ୍ଦ୍ର ଦାସ ଆହତ ହୋଇଛିନ୍ତି।

■ ଫନୀ ମୁକାବିଲା ପାଇଁ ପ୍ରଶାସନର ଉଚ୍ଚସ୍ତରୀୟ ବୈଠକ

# ୩୪, ୫୬୨ ଜଣ ନିରାପଦ ସ୍ଥାନକୁ ସ୍ଥାନାନ୍ତର

**କଟକ ଅଫିସ, ୨।୫**

ସାମୁଦ୍ରିକ ଝଡ ଫନୀ ଓ ତଜ୍ଜନିତ ପ୍ରବଳ ବର୍ଷାକୁ ମୁକାବିଲା ପାଇଁ ଜିଲା ପ୍ରଶାସନ ତରଫରୁ ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୟରେ ଯେପରି କୌଣସି ଆକସ୍ମିକ ଦୁର୍ଘଟଣା ନ ଘଟେ, ସେଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତିରେ ରହିବା ସହିତ ତଳିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ଉପରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଗୁରୁତ୍ୱାରୋପ କରିଛନ୍ତି। ତଦନୁଯାୟୀ, ଜିଲାର ଆଠଗଡ ବ୍ଲକରେ ୫୮ଟି ଆଶ୍ରୟସ୍ଥଳୀକୁ ୮୧୪୧ ଜଣ, ଟିଗିରିଆର ୩୬ଟି ଆଶ୍ରୟସ୍ଥଳୀକୁ ୧୨୨୫ ଜଣ, ବଡମ୍ବାର ୪୨ଟି ଆଶ୍ରୟସ୍ଥଳୀକୁ ୩୦୧୭ଜଣ, ନରସିଂହପୁରର ୭୫ଟି ଆଶ୍ରୟସ୍ଥଳୀକୁ ୨୧୫୦ ଜଣ, ଟାଙ୍ଗୀ-ଚୌଦ୍ୱାରର ୧୪୪ଟି ଆଶ୍ରୟସ୍ଥଳୀକୁ ୧୫୦୦ ଜଣ, ସାଲେପୁରର ୧୬୧ଟି ଆଶ୍ରୟସ୍ଥଳୀକୁ ୧୫୦୦ଜଣ, ମାହାଙ୍ଗାର ୭୧ଟି ଆଶ୍ରୟସ୍ଥଳୀକୁ ୬୦୦ ଜଣ, ନିଶ୍ଚିନ୍ତକୋଇଲିର ୮୨ଟି ଆଶ୍ରୟସ୍ଥଳୀକୁ ୫୩୦୦ ଜଣ, କଟକ ସଦରର ୯୫ଟି ଆଶ୍ରୟସ୍ଥଳୀକୁ ୭୪୭ ଜଣ, ବାରଙ୍ଗର ୨୯ଟି ଆଶ୍ରୟସ୍ଥଳୀକୁ ୨୮୦୦ ଜଣ, ବାଙ୍କୀର ୪୯ଟି ଆଶ୍ରୟସ୍ଥଳୀକୁ ୧୯୪୦ ଜଣ, ଡମପଡାର ୭୪ଟି ଆଶ୍ରୟସ୍ଥଳୀକୁ ୩୭୮୬ ଜଣ, ନିଆଳିର ୬୬ଟି ଆଶ୍ରୟସ୍ଥଳୀକୁ ୨୧୧୫ ଜଣ, କଣ୍ଟାପଡାର ୬୦ଟି ଆଶ୍ରୟସ୍ଥଳୀକୁ ୭୪୧ଜଣ ଲୋକଙ୍କୁ ଗୁରୁବାର ସଂନ୍ଧ୍ୟା ୫ଟା ସୁଦ୍ଧା ସ୍ଥାନାନ୍ତର କରାଯାଇଛି । ଉକ୍ତ ଆଶ୍ରୟସ୍ଥଳୀରେ ଲୋକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ସେହିପରି କଟକ ମହାନଗର ନିଗମ ଅଧୀନରେ ଥିବା ୬୧ଟି ଆଶ୍ରୟସ୍ଥଳିକୁ ୨୦୦ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ରନ୍ଧାଖାଦ୍ୟ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଜିଲାରେ ଥିବା ବିଭିନ୍ନ ଅଞ୍ଚଳର ଗର୍ଭବତୀ ଓ ଆସନ୍ନ ପ୍ରସବା ମହିଳାମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶୁଦ୍ଧ ପାନୀୟଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିବା ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ସେହିପରି ଗଛଡାଳ ଭାଙ୍ଗି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେଲେ ସେସୁ ତରଫରୁ ଅଗ୍ନିଶମ ଓ ଓଡ୍ରାଫ ଟିମ୍ ସହାୟତାରେ ବିଦ୍ୟୁତ୍ ପୁନଃ ସଂଯୋଗ କରିବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗଛଡାଳ ପଡି ରାସ୍ତା ଅବରୋଧ ହେଲେ ଜେସିବି ମାଧ୍ୟମରେ ରାସ୍ତା ପରିଷ୍କାର କରିବାକୁ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ଯୋଗୁ ବିପନ୍ନ ଲୋକମାନଙ୍କୁ ଆବଶ୍ୟକ ଔଷଧ ଯୋଗାଇଦେବାର ବ୍ୟବସ୍ଥା କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବାତ୍ୟା ପ୍ରଭାବିତ ଇଲାକାରେ ବିଡିଓମାନଙ୍କ ସହିତ ଯୋଗାଯୋଗ କରି ଗୃହପାଳିତ ପ୍ରାଣୀମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ଔଷଧ ଯୋଗାଇଦେବା ବ୍ୟବସ୍ଥା କରିବାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।



ବାତ୍ୟା ଫନୀକୁ ନେଇ ପ୍ରଶାସନ ପକ୍ଷରୁ ସତର୍କମୂଳକ ପଦକ୍ଷେପ ଭାବେ ତୁଳସୀପୁର ଡିୟର ପାର୍କ ବସ୍ତି ଅଞ୍ଚଳର ଲୋକମାନଙ୍କୁ ସ୍ଥାନୀୟ ଗୋରାକବର ହାଇସ୍କୁଲକୁ ସ୍ଥାନାନ୍ତର କରାଯାଇଛି।

**ବିପନ୍ନଙ୍କୁ ଔଷଧ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ**





ମେ ଦିବସ ପାଳନ ଅବସରରେ କଟକ ମାଛୁଆ ବଜାର ଛକଠାରୁ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା

## ଆଶ୍ରୟସ୍ଥଳରେ ମିଳିଲା ରନ୍ଧାଖାଦ୍ୟ

**ନିଶ୍ଚିନ୍ତକୋଇଲି/ ନରସିଂହପୁର/ ଟିଗିରିଆ/ସାଲେପୁର/ଆଠଗଡ, ୨।୫(ସ୍ୱ.ପ୍ର./ଡି.ଏନ୍.ଏ.)**

■ନିଶ୍ଚନ୍ତକୋଇଲିର ୪୧ ପଞ୍ଚାୟତରେ ସତର୍କ ସୂଚନା
■ନରସିଂହପୁରରେ ୭୪ ରିଲିଫ ଟିମ୍
■ଟିଗିରିଆରେ ୧୮୦୦ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ

ବାତ୍ୟା ଫନୀ ମୁକାବିଲା ପାଇଁ କଟକ ଜିଲାର ବିଭିନ୍ନ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକର ୪୧ ପଞ୍ଚାୟତରେ ସତର୍କ ସୂଚନା ଜାରି କରାଯାଇଛି। କଚ୍ଚାଘରେ ଓ ତଳିଆ ଅଞ୍ଚଳରେ ରହୁଥିବା ସମସ୍ତ ଲୋକଙ୍କୁ ବାଧ୍ୟତାମୂଳକ ଭାବେ ସ୍ଥାନାନ୍ତର କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏନେଇ ଜରୁରୀ ବୈଠକ ହୋଇଛି। ପ୍ରତି ପଞ୍ଚାୟତ ପାଇଁ ୩ ଜଣ ନୋଡାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଏଥିସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେହିପରି ନରସିଂହପୁର ବ୍ଲକର ୩୭ ପଞ୍ଚାୟତ ପାଇଁ ୭୪ଟି ରିଲିଫ ଟିମ୍ ଗଠନ କରାଯାଇଛି। ବିଡିଓ ପ୍ରଶାନ୍ତ କୁମାର ତରାଇ ଓ ତହସିଲଦାର ରାଜକିଶୋର ଜେନାଙ୍କୁ ଜୋନ ଅଫିସରଭାବେ ନିଯୁକ୍ତ କରାଯାଇଛି। ଟିଗିରିଆ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବାହ୍ନରେ ଏକ ପ୍ରସ୍ତୁତି ବୈଠକ ବିଡିଓ ପରେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଗୁରୁବାର ରାତି ସୁଦ୍ଧା ଟିଗିରିଆର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀରେ ୧୮୦୦ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ହୋଇଥିବା ବିଡିଓ କହିଛନ୍ତି। ଆବଶ୍ୟକ ପଡିଲେ ଅଧିକ ଲୋକଙ୍କୁ ରନ୍ଧାଖାଦ୍ୟ ଦିଆଯିବ। ପ୍ରାଥମିକ ଭାବେ ବ୍ଲକରେ ୧୪ କୁଇଣ୍ଟାଲ ଚୁଡ଼ା, ୨ କୁଇଣ୍ଟାଲ ଗୁଡ଼, ୨୦ହଜାର ପାଣିପାଉଚ ସହ ଔଷଧ ମହଜୁଦ ରଖାଯାଇଛି। ୫ଜଣ ଗର୍ଭବତୀ ମହିଳାଙ୍କୁ ମା'ପ୍ରକୋଷ୍ଠରେ ରଖାଯାଇଛି। ୨୭୫ ପଲିଥିନ ରୋଲ ମହଜୁଦ ଥିବାବେଳେ ଆହୁରି ୧୫୦ ପଲିଥିନ ମଗାଯାଇଛି। ଗୃହପାଳିତଙ୍କ ପ୍ରାଣୀଙ୍କ ପାଇଁ ୨ ମେଟ୍ରିକ ଟନ୍ ଗୋଖାଦ୍ୟ ରଖାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। ସାଲେପୁର ବ୍ଲକରେ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ୭ଟି ମୋବାଇଲ୍ ଟିମ୍ ଗଠନ ହୋଇଥିବା ବିଡିଓ କିଶୋର କୁମାର ପଣ୍ଡା କହିଛନ୍ତି। ତଳିଆ ଅଞ୍ଚଳର ଲୋକଙ୍କ ପାଇଁ ରନ୍ଧାଖାଦ୍ୟ ବ୍ୟବସ୍ଥା କରାଯାଇଛି। ଯୋଗାଣ ବିଭାଗ ପକ୍ଷରୁ କିରୋସିନ, ଚାଉଳ, ଗହମ ବଣ୍ଟନ କରାଯାଇଥିବାବେଳେ ଚୁଡ଼ା, ବିସ୍କୁଟ୍, ଗୁଡ଼ ମହଜୁଦ୍ ରଖାଯାଇଛି। ବିଦ୍ୟୁତ୍ ସେବା ପାଇଁ ୧୨ ଜେନେରେଟର ବ୍ୟବସ୍ଥା କରାଯାଇଛି। ଆଠଗଡ ବ୍ଲକରେ ଉପଜିଲାପାଳ ଅମୀୟକୁମାର ସାହୁଙ୍କ ଅଧ୍ୟକ୍ଷତାରେ ୨ଟି ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଥଇଥାନ କେନ୍ଦ୍ରରେ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା ହୋଇଛି। ଡ୍ରେନର ସଫେଇ ସହ ବର୍ଷା ପାଣି ଶୀଘ୍ର ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଛି।

### ଫନୀ ଭୟ: ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର

**କଣ୍ଟାପଡ଼ା/ ଚୌଦ୍ୱାର, ୨।୫(ଡି.ଏନ୍.ଏ.)**

ଫନୀ ମୁକାବିଲା ପାଇଁ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ପରିସରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏହା ସହ ବ୍ଲକର ୧୪ଟି ପଞ୍ଚାୟତର ଜନସାଧାରଣଙ୍କୁ ସତର୍କ ରହିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଗୁରୁବାର ପ୍ରଚାର ହୋଇଛି। ଗୁରୁବାର ମଧ୍ୟାହ୍ନରୁ ବିଭିନ୍ନ ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ ବ୍ୟବସ୍ଥା କରିବାକୁ ସମସ୍ତ ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ପଞ୍ଚାୟତସ୍ତରରେ ବାତ୍ୟା ନିୟନ୍ତ୍ରଣ କଣ୍ଟ୍ରୋଲ ରୁମ ଖୋଲିବାକୁ ପରାମର୍ଶ ଦିଆଯାଇଛି। ବ୍ଲକରେ ଖୋଲାଯାଇଥିବା ୬୦ଟି ଅସ୍ଥାୟୀ ଓ ବାବାଜାଠାରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ କଚ୍ଚାଘରେ ଥିବା ଲୋକମାନେ ଚାଲି ଆସିବା ପାଇଁ ପ୍ରଚାର କରାଯାଉଛି ବୋଲି ବିଡିଓ କେ. ଅଶୋକ କୁମାର କହିଛନ୍ତି। ବାତ୍ୟା ସମୟରେ ରିଲିଫ, ଖାଦ୍ୟଯୋଗାଣ ଓ ବିଶୁଦ୍ଧ ଜଳଯୋଗାଣ ପାଇଁ ବ୍ଲକର ବିଭିନ୍ନ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଶୁଖିଲା ଖାଦ୍ୟ ମହଜୁଦ ପାଇଁ ଯୋଗାଣ ବିଭାଗ ସବୁବେଳେ ପ୍ରସ୍ତୁତ ବୋଲି କଣ୍ଟାପଡା ବ୍ଲକ ଏମ. ଆଇ. ନଶିମା ବେଗମ କହିଛନ୍ତି। ଚୌଦ୍ୱାର ଅଞ୍ଚଳରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ପୌର ଟାଉନହଲ ଓ କଲ୍ୟାଣ ମଣ୍ଡପରେ ଆଶ୍ରୟସ୍ଥଳ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ଯୋଗଦେଇ ବାତ୍ୟା ସମୟରେ ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

### ମା'ବାପା ଛେଉଣ୍ଡ ଝିଅର ଦାୟିତ୍ୱ ନେଲା ଶିଶୁ ମଙ୍ଗଳ ସମିତି

**ଆଠଗଡ, ୨।୫ (ସ୍ୱ.ପ୍ର.)**

ଆଠଗଡ ଥାନା ଅନ୍ତର୍ଗତ ମାନପୁର ଶବର ସାହିର ମା'ବାପା ଛେଉଣ୍ଡ ଝିଅ ରଞ୍ଜିତା(୧୨) ଭିକ୍ଷାବୃତ୍ତି କରି ଜୀବନ ନିର୍ବାହ କରୁଥିଲେ। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ଚେତା ପଶିଛି। ଜିଲା ଶିଶୁ ମଙ୍ଗଳ ସମିତିର ଏକ ପ୍ରତିନିଧି ଦଳ ବୁଧବାର ରଞ୍ଜିତାଙ୍କ ଘରକୁ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଜିଲା ପ୍ରଶାସନର ପରାମର୍ଶ କ୍ରମେ ରଞ୍ଜିତାଙ୍କ ଦାୟିତ୍ୱ ବହନ କରିବାକୁ ଶିଶୁ ମଙ୍ଗଳ ସମିତି ନିଷ୍ପତ୍ତି ନେଇଛି। ରଞ୍ଜିତାଙ୍କ ବିଷୟରେ ଅନୁଧ୍ୟାନ କରିବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧ୍ୟକ୍ଷା ମନ୍ଦାକିନୀ ଜେମା, ଜିଲା ଶିଶୁ ସୁରକ୍ଷା ସଭ୍ୟ ଅମିୟ ଭୂଷଣ ବିଶ୍ୱାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳ ପ୍ରମୁଖ ଆସିଥିଲେ । ଏହି ଅବସରରେ ବିଜୁ ଯୁବ ବାହନୀ ସଭାପତି ମନୋରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ରାଉଳ, ସରପଞ୍ଚଙ୍କ ପ୍ରତିନିଧି ପବିତ୍ର ସାହୁ ଓ ପ୍ରମୋଦ ସାହୁ ଉପସ୍ଥିତ ଥିଲେ।

## ଫନୀ ପାଇଁ ସିଏମ୍‌ସିର ପଦକ୍ଷେପ



ବୈଠକରେ ଏମ୍‌ପି, ବିଧାୟକ ଓ ଡିସିପିଙ୍କ ସହ ଅନ୍ୟମାନେ।

**କଟକ ଅଫିସ, ୨।୫**

ଫନୀ ପାଇଁ ଚଳଚଞ୍ଚଳ ହୋଇପଡିଛି କଟକ ମହାନଗର ନିଗମ(ସିଏମ୍‌ସି)। ଜିରୋ କାଜୁଆଲ୍‌ଟି ଲକ୍ଷ୍ୟରେ ଗୁରୁବାର ସନ୍ଧ୍ୟାରେ ସିଏମ୍‌ସି କାଉନ୍‌ସିଲ ହଲ୍‌ରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବାଶିଷ ସାମନ୍ତରାୟ, ପ୍ରଭାତ ବିଶ୍ୱାଳ, କଟକ ଡିସିପି ଅଖିଳେଶ୍ୱର ସିଂ, ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ, ପୌରପାଳିକା ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଫନୀ ପାଇଁ ସିଏମ୍‌ସି ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ କରାଯାଇଛି। ଲୋକମାନେ ଟୋଲ୍ ଫ୍ରି-୧୮୦୦ ୩୪୫୬୭୨୮, ୦୬୭୧-୨୩୧୦୪୭୨, ୨୩୩୨୯୭୫କୁ ଫୋନ କରି ନିଜର ସମସ୍ୟା ଜଣାଇପାରିବେ। ଫଳରେ ପ୍ରଶାସନ ତାହାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବ। ଲୋକଙ୍କୁ ଖାଇବା ନିମନ୍ତେ ସିଏମ୍‌ସି ପକ୍ଷରୁ ୧୬ କୁଇଣ୍ଟାଲ ଚୁଡା, ୨୦ କୁଇଣ୍ଟାଲ ଗୁଡ଼, ଛତୁଆ ମହଜୁଦ ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଗୁରୁବାର ରାତିରେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେବାକୁ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜଳ ପତନ ବୃଦ୍ଧିକୁ ଦୃଷ୍ଟିରେ ରଖି ଜାଇକାକୁ ବିଭିନ୍ନ ଅଞ୍ଚଳରେ ଥିବା ସ୍ଲୁଇସ ଗେଟ୍ ଖୋଲା ରଖିବାକୁ କୁହାଯାଇଛି। ଏଥିସହ ୩ଟି କୁଇକ୍ ଆକ୍ସନ ଟିମ ଗଠନ କରାଯାଇ ୨୪ଘଣ୍ଟିଆ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ପାଣି ନିଷ୍କାସନ ପାଇଁ ସିଏମ୍‌ସି ପକ୍ଷରୁ ୫୫ଟି ପମ୍ପସେଟ ବ୍ୟବସ୍ଥା କରାଯାଇଛି। ଆଶ୍ରୟସ୍ଥଳୀଗୁଡିକରେ ୫୦ରୁ ଊର୍ଦ୍ଧ୍ୱ ଆସ୍କା ଲାଇଟ୍ (ଏମାରଜେନ୍ସି ଲାଇଟ) ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ୬୧ଟି ତଳିଆ ଅଞ୍ଚଳର ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ୪୪ଟି ବାତ୍ୟା ଆଶ୍ରୟସ୍ଥଳୀକୁ ଗୁରୁବାର ରାତି ସୁଦ୍ଧା ସ୍ଥାନାନ୍ତର ପାଇଁ ଲକ୍ଷ୍ୟ ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜରୁରିକାଳୀନ ଔଷଧ, ଆମ୍ବୁଲାନ୍ସ, ଡାକ୍ତର ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷାପରେ ଯେପରି ବିଦ୍ୟୁତ ସେବା ସୁଚାରୁରୂପେ ଯୋଗାଇ ଦିଆଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ କୁହାଯାଇଛି। ସିଏମ୍‌ସି ପକ୍ଷରୁ ୧୦୦ ଲୋକଙ୍କୁ ନିୟୋଜିତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଫଳରେ ସହରରେ ଜରୁରିକାଳୀନ ପରିସ୍ଥିତିରେ ସେମାନେ କାର୍ଯ୍ୟ କରିବେ।

ସେହିପରି ଫନୀ ମୁକାବିଲା ପାଇଁ ଗୁରୁବାର ପୂର୍ବାହ୍ନରେ ସିଏମ୍‌ସି କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି କାଉନସିଲ ହଲ୍‌ରେ ଅନୁଷ୍ଠିତ ବୈଠକରେ ନିଗମର ସମସ୍ତ କର୍ମଚାରୀଙ୍କୁ ୱାର୍ଡୱାରୀ ଦାୟିତ୍ୱ ଦିଆଯାଇଛି। କର୍ମଚାରୀମାନେ ତଳିଆ ଅଞ୍ଚଳର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ନେବା ସହ ସେମାନଙ୍କ ଖାଦ୍ୟ, ପାନୀୟ ବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ନେବାକୁ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ତାଗିଦ କରିଛନ୍ତି। ଏହି ବୈଠକରେ ଅତିରିକ୍ତ କମିଶନର ଜୟନ୍ତ ନାରାୟଣ ଷଡଙ୍ଗୀ, ଡେପୁଟି କମିଶନର ଦେବାଶିଷ ମହାନ୍ତି ଯୋଗଦେଇ ସମସ୍ତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଶୁକ୍ରବାର ସକାଳୁ ଆଶ୍ରୟ ସ୍ଥଳରେ ଚୁଡ଼ା, ଗୁଡ଼ ଯୋଗାଇ ଦିଆଯିବା ପାଇଁ ପଦକ୍ଷେପ ନେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କର୍ମଚାରୀମାନଙ୍କୁ ସ୍ଥାନୀୟ ଅଞ୍ଚଳର ପୋଲିସ ସହ ଯୋଗାଯୋଗ ରଖିବାକୁ କୁହାଯାଇଛି।

### ଏସ୍‌ସିବିରେ ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ

**କଟକ ଅଫିସ, ୨।୫**

ସାମୁଦ୍ରିକ ଝଡ ଫନୀ ମୁକାବିଲା ପାଇଁ ଏସ୍‌ସିବିରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଓ ହେଲ୍ପ ଡେସ୍କ ଖୋଲାଯାଇଛି। କୌଣସି ଜରୁରିକାଳୀନ ପରିସ୍ଥିତିରେ ଏସ୍‌ସିବି କଣ୍ଟ୍ରୋଲ ରୁମ୍ ନମ୍ବର.୦୬୭୧-୨୪୧୪୦୮୦ରେ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ପ୍ରତ୍ୟେକ ବିଭାଗରେ ହେଲ୍ପ ଡେସ୍କ ଖୋଲାଯିବ ଏବଂ ଟାସ୍କଫୋର୍ସ ଗଠନ କରାଯିବ ବୋଲି ଗୁରୁବାର ନିଷ୍ପତ୍ତି ହୋଇଛି। ଏ ନେଇ ଏସ୍‌ସିବି ଅଧୀକ୍ଷକ ପ୍ରଫେସର ସିବିକେ ମହାନ୍ତିଙ୍କ ଚ୍ୟାମ୍ବରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧୀକ୍ଷକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମେଡିକାଲର ସମସ୍ତ ବିଭାଗୀୟ ମୁଖ୍ୟ ପ୍ରଫେସର ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ମେଡିକାଲରେ ଲାଗିଥିବା ଜେନେରେଟରଗୁଡ଼ିକୁ ତଦାରଖ କରାଯାଇଛି। ୨୩ଟି ଜେନେରେଟରକୁ ପରୀକ୍ଷାମୂଳକ ଭାବେ ଗୁରୁବାର ଚଳାଯାଇଥିଲା। ସେହିପରି କୌଣସି ଡାକ୍ତର ଓ କର୍ମଚାରୀ ହେଡକ୍ୱାର୍ଟର ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

### କଳାବଜାର ରୋକିବା ଉପରେ କଡ଼ା ନଜର

**କଟକ ଅଫିସ, ୨।୫**

ସାମୁଦ୍ରିକ ଝଡ ଫନୀର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅପରେଶନ ଆରମ୍ଭ ହୋଇଛି। ମଙ୍ଗଳବାର ସନ୍ଧ୍ୟାରୁ ଆଶ୍ରୟସ୍ଥଳୀଗୁଡିକରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ଏହାବାଦ୍ ଜିଲାର ପ୍ରତି ବ୍ଲକ ସଦର ମହକୁମାକୁ ୫୦ କୁଇଣ୍ଟାଲ ଲେଖାଏ ଚୁଡା ପଠାଯାଇଥିବା ବେଳେ ପ୍ରତିଟି ଆଶ୍ରୟସ୍ଥଳୀରେ ଜେନେରେଟର ମହଜୁଦ ରଖିବାକୁ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଥିବା ମୋଟ ୯୧୧ଟି ଆଶ୍ରୟସ୍ଥଳୀକୁ ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଥିବା ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଅତ୍ୟାବଶ୍ୟକ ସାମଗ୍ରୀର କଳାବଜାରକୁ ରୋକିବା ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ କଡା ନଜର ରଖାଯାଇଛି। ଯେପରି ସରକାରୀ ନିର୍ଦ୍ଧାରିତ ଦରରୁ କେହି ଅଧିକ ଦାମ୍‌ରେ ସାମଗ୍ରୀ ବିକ୍ରି ନ କରନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ରଙ୍କ ସୂଚନାନୁଯାୟୀ, ଗୁରୁବାର ସୁଦ୍ଧା ଜିଲାରେ ମୋଟ୍ ୯୦୦ କୁଇଣ୍ଟାଲ ଆଳୁ ଓ ୬୦୦ କୁଇଣ୍ଟାଲ ପିଆଜ ମହଜୁଦ ରହିଛି। ଆଳୁ ଧଡା(୩ କିଲୋଗ୍ରାମ)କୁ ୬୦ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ପିଆଜ କେଜି ପ୍ରତି ଦାମ ୧୬ରୁ ୧୮ ଟଙ୍କା ରହିଛି। ସେହିପରି ଜିଲାରେ ୧ଲକ୍ଷ ୬୫ହଜାର ଲିଟର କିରୋସିନ ମହଜୁଦ ରଖାଯାଇଛି। କଳାବଜାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି। ଗୁରୁବାର ସକାଳୁ ଜିଲା ଯୋଗାଣ ବିଭାଗ ଅଧିକାରୀମାନେ ମାଲଗୋଦାମରେ ଥିବା ସାମଗ୍ରୀଗୁଡିକ ଉପରେ ନଜର ରଖିଥିବା ଯୋଗାଣ ଅଧିକାରୀ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସମ୍ଭାବ୍ୟ ପରିସ୍ଥିତିରେ ମୁକାବିଲା ପାଇଁ ଅଗ୍ନିଶମ ସେବା ସଂସ୍ଥା, ଓଡ୍ରାଫ ଓ ଏନ୍‌ଡିଆରଏଫକୁ ସଜାଗ ରଖାଯାଇଛି।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ





**କଟକ ଅଫିସ, ୨।୫**

କଟକ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘ ସମ୍ପାଦକ ଦୁର୍ଗା ପ୍ରସାଦ ଛାଟୋଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂଘର ସମସ୍ତ କର୍ମକର୍ତ୍ତା ଓ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ରହି ଶ୍ରମିକ ଦିବସ ଉପରେ ଆଲୋଚନା କରିଥିଲେ। ସଂଘ ଉପସଭାପତି ସିନୁ ରେଡ୍ଡୀ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ପ୍ରଭାସ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଦାଶ, ହାଡ଼ିବନ୍ଧୁ ବେହେରା, ରଘୁ ସେନାପତି, ହେମନ୍ତ ପଟ୍ଟନାୟକ, ସଦା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

■ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ

## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ଫୁଲନଖରା, ୨।୫(ଡି.ଏନ୍.ଏ.)**

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ସଦର ଥାନା କୁରାଙ୍ଗପ୍ରଧାନ ବାଲିସାହି ଗ୍ରାମର ଯଶୋବନ୍ତ ଭୋଇ। ବାଲିସାହିରେ ତାଙ୍କର ମୃତଦେହ ପହଞ୍ଚିବା ପରେ ପରିବାର ଲୋକେ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଫୁଲନଖରା-ନିଆଳି ରାସ୍ତାର ମଠବଜାରଠାରେ ରାସ୍ତାରୋକୋ କରିଥିଲେ। ଯଶୋବନ୍ତ ଏକ ଘରୋଇ କମ୍ପାନୀ ପକ୍ଷରୁ ତେଲେଙ୍ଗାପେଣ୍ଠ ନିକଟରେ ଏକ ବିଦ୍ୟୁତ୍ ଟାୱାର ନିକଟରେ ଗଛ ଡାଳ କାଟୁଥିଲେ। ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ସେ ଆସି ଗୁରୁତର ହୋଇ ତଳେ ପଡିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଉକ୍ତ କମ୍ପାନୀର କେତେଜଣ କର୍ମଚାରୀ ଆମ୍ବୁଲାନ୍ସରେ ମହିଧରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଶୋବନ୍ତଙ୍କ ମୃତଦେହ ତାଙ୍କ ଗ୍ରାମରେ ପହଞ୍ଚିବା ପରେ କ୍ଷତିପୂରଣ ଦାବିରେ ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ମଠବଜାର ଠାରେ ଦୁଇ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ କଟକ ସଦର ଥାନା ଆଇଆଇସି ସୁଧାଂଶୁ ଭୂଷଣ ଜେନା, ଏସିପି କୃଷ୍ଣପ୍ରସାଦ ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଓ ବ୍ରାହ୍ମଣଝରିଲୋ ରାଜସ୍ୱ ନିରୀକ୍ଷକ ଯଶୋବନ୍ତଙ୍କ ପରିବାରକୁ ମୃତଦେହ ସଂସ୍କାର ପାଇଁ ୧୦ହଜାର ଟଙ୍କା ଦେବା ସହ ଉକ୍ତ କମ୍ପାନୀ ସହ କଥା ହୋଇ ପରିବାରର ଜଣଙ୍କୁ ଚାକିରି ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଫନୀ: ଉଦ୍ଧାର କାର୍ଯ୍ୟରେ ସବୀରଙ୍କ ଟିମ୍

**କଟକ ଅଫିସ, ୨।୫**

ଫନୀ ମୁକାବିଲା କରିବା ପାଇଁ ଭାରତର ଖ୍ୟାତିସମ୍ପନ୍ନ ସ୍କୁବା ଡାଇଭର ତଥା ଲିମକା ବୁକ୍ ରେକର୍ଡ ଧାରୀ ସବୀର ବକ୍ସଙ୍କ ନେତୃତ୍ୱରେ ଏକ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହେବ। ଏ ନେଇ ଜିଲାପାଳଙ୍କ ପକ୍ଷରୁ ମଧ୍ୟ ସବୀରଙ୍କୁ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ତେବେ ମୁଖ୍ୟ କଥା ହେଉଛି ସବୀରଙ୍କ ଉଦ୍ଧାରକାରୀ ଦଳରେ ରହିବେ ଉତ୍ତରପ୍ରଦେଶର ୩୧ଜଣ ପୋଲିସ କର୍ମଚାରୀ। କିଛିଦିନ ହେବ ଉତ୍ତରପ୍ରଦେଶର ୩୦ଜଣ ପୋଲିସ କର୍ମଚାରୀ ସବୀରଙ୍କ ନିକଟରେ ସ୍କୁବା ଡାଇଭିଂ ପ୍ରଶିକ୍ଷଣ ନେଉଛନ୍ତି। କଟକ ଜିଲାର ଯେଉଁ ସ୍ଥାନରେ ଲୋକମାନେ ବାତ୍ୟା ଯୋଗୁ ସଙ୍କଟରେ ରହିବେ ସେଠାରେ ଏହି ଦଳ ପହଞ୍ଚିବ ବୋଲି ସବୀର କହିଛନ୍ତି। ଏ ନେଇ ପ୍ରାକ୍‌ପ୍ରସ୍ତୁତି ଶେଷ ହୋଇଛି। ନାଭି କମାଣ୍ଡୋ ପ୍ରଣବ ବିଶ୍ୱାଳ ଟିମ୍‌ରେ ରହିଥିବାବେଳେ ମହମ୍ମଦ ଗାଜି ଟିମ୍‌ର ତତ୍ତ୍ୱାବଧାନ ଦାୟିତ୍ୱରେ ଅଛନ୍ତି।



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।
-ସେନେକା



## ସଂକ୍ଷେପରେ

### ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ

ପୁରୀ ଅଫିସ,୨।୫: ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଶାସନ ପକ୍ଷରୁ ଚିହ୍ନଟ କ୍ଷତିଗ୍ରସ୍ତ ଅଞ୍ଚଳ ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଗୋପ, କାକଟପୁର, କୋଣାର୍କ, ଅସ୍ତରଙ୍ଗ ପ୍ରଭୃତି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଔଷଧ ମହଜୁଦ ରହିଛି। ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ନର୍ସ, କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ୨୪ଘଣ୍ଟିଆ ସେବା ଯୋଗାଇବା ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ତ ଆବଶ୍ୟକ ଔଷଧ ମହଜୁଦ ରଖିବା ଲାଗି କୁହାଯାଇଥିବା ଜିଲାପାଳ ଜ୍ୟୋତିପ୍ରକାଶ ଦାସ ସୂଚନା ଦେଇଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍‌ଓ ରାମଚନ୍ଦ୍ର ରାଉତ କହିଛନ୍ତି।

### ବସ୍ତିରେ ବୁଲିଲେ ନେତା

ପୁରୀ ଅଫିସ,୨।୫: ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ନେତାମାନେ ପେଣ୍ଠକଟା ବସ୍ତିକୁ ଯାଇ ଲୋକଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ସହ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ଯିବାକୁ କହିଥିଲେ। ସେହିପରି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର, ପୁରୀରୁ ଭାଜପା ପ୍ରାର୍ଥୀ ହୋଇଥିବା ଜୟନ୍ତ କୁମାର ଷଡ଼ଙ୍ଗୀ, କଂଗ୍ରେସ ଲୋକସଭା ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ, ଏମ୍‌ପି ପିନାକୀ ମିଶ୍ର ମଧ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ।

### ବନ୍ଦ ରହିବ ଶିକ୍ଷାନୁଷ୍ଠାନ

ପୁରୀ ଅଫିସ, ୨।୫: ଫନୀ ପାଇଁ ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ବନ୍ଦ ରଖାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଚାଲିଥିବା ପରୀକ୍ଷା ବାତିଲ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ଲାଗି ଅଙ୍ଗନୱାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ଜ୍ୟୋତି ପ୍ରକାଶ ଦାସ କହିଛନ୍ତି।

### ଶ୍ରୀବିହାର ପରୀକ୍ଷା ବାତିଲ

ପୁରୀ ଅଫିସ, ୨।୫: ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧୀନରେ ହେବାକୁ ଥିବା ଶାସ୍ତ୍ରୀ, ଶିକ୍ଷା ଶାସ୍ତ୍ରୀ (ବିଏଇଡି) ପରୀକ୍ଷାକୁ ବାତିଲ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା, ଏଣ୍ଟ୍ରାନ୍ସ ଟେଷ୍ଟ, ପରୀକ୍ଷା ଖାତାଦେଖା ଆଦି ବାତିଲ କରାଯାଇଥିବା ପରୀକ୍ଷା ନିୟନ୍ତ୍ରକ ଡ. ମଧୁସୂଦନ ମିଶ୍ର କହିଛନ୍ତି। ଶିକ୍ଷା ଶାସ୍ତ୍ରୀ ପ୍ରଥମ ଓ ଦ୍ୱିତୀୟ ବର୍ଷ ପରୀକ୍ଷା, ଶାସ୍ତ୍ରୀ ଦ୍ୱିତୀୟ ବର୍ଷ ପରୀକ୍ଷା ଖାତା ମୂଲ୍ୟାଙ୍କନ, ଶିକ୍ଷା ଶାସ୍ତ୍ରୀ-୨୦୧୯ ଏଣ୍ଟ୍ରାନ୍ସ ଟେଷ୍ଟ ଓ ଆଚାର୍ଯ୍ୟ ସେମିଷ୍ଟର ପରୀକ୍ଷାକୁ ବାତିଲ କରାଯାଇଛି।

### ଘର ଛାଡ଼ିବାକୁ ଲୋକେ ନାରାଜ

ପୁରୀ ଅଫିସ,୨।୫: ବାତ୍ୟା ଫନୀ ପାଇଁ ଗୁରୁବାର ପୁରୀ ସହରର ବଳିଆପଣ୍ଡା ବସ୍ତି, ପେଣ୍ଠକଟା ବସ୍ତି ସମେତ ଏକାଧିକ ତଳିଆ ଅଞ୍ଚଳ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତେବେ ପେଣ୍ଠକଟା, ବଳିଆପଣ୍ଡା, କୋଣାର୍କ ପ୍ରଭୃତି ଅଞ୍ଚଳର କିଛି ଲୋକ ଆଶ୍ରୟସ୍ଥଳକୁ ଯାଇ ପୁଣି ନିଜ ଘରକୁ ଫେରି ଆସୁଛନ୍ତି। ସେମାନଙ୍କୁ ବୁଝାଶୁଝା କରି ପୁଣି ନିଆଯାଉଥିବା ସୂଚନା ମିଳିଛି।

# ଫନୀ ପାଇଁ ପୁରୀ ଛାଡ଼ିଲେ ପର୍ଯ୍ୟଟକ

- ସ୍ୱତନ୍ତ୍ର ଟ୍ରେନ୍, ବସ୍‌ରେ ଗଲେ କୋଲକାତା
- କାଉଣ୍ଟରରେ ଲାଗିଲା ଲମ୍ୱା ଲାଇନ
- ଷ୍ଟେଶନରେ ଅସ୍ଥାୟୀ ହେଲ୍‌ପ ଡେସ୍କ

ପୁରୀ ଅଫିସ, ୨।୫

ବାତ୍ୟା ଫନୀ ୩ତାରିଖରେ ପୁରୀ ଆଖପାଖରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ପାଣିପାଗ ବିଭାଗର ଏଭଳି ପୂର୍ବାନୁମାନ ପରେ ପୁରୀ ବୁଲିବାକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ନିରାପଦରେ ସେମାନଙ୍କ ରାଜ୍ୟକୁ ପଠାଇବା ଲାଗି ଓଡ଼ିଶା ସରକାର ତତ୍ପରତା ଦେଖାଇବା ସହ ପଦକ୍ଷେପ ନେଇଛନ୍ତି। ସ୍ୱତନ୍ତ୍ର ବସ୍ ଓ ଟ୍ରେନ୍‌ରେ ବହୁସଂଖ୍ୟକ ପର୍ଯ୍ୟଟକ ନିଜ ନିଜ ରାଜ୍ୟକୁ ଫେରିଯାଇଛନ୍ତି। ଟ୍ରେନ୍ ଓ ବସ୍‌ରେ ଯିବା ଲାଗି କାଉଣ୍ଟରରେ ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଲମ୍ୱା ଲାଇନ ଲାଗିଥିବାବେଳେ ଷ୍ଟେଶନରେ ଅସ୍ଥାୟୀ ହେଲ୍‌ପ ଡେସ୍କ ଖୋଲା ଯାଇଥିଲା।

ବିଶେଷକରି ପର୍ଯ୍ୟଟନ ସହର ପୁରୀକୁ ଅଧିକ ସଂଖ୍ୟାରେ ବଙ୍ଗୀୟ ପର୍ଯ୍ୟଟକ ଆସିଥାନ୍ତି। ଏମାନେ ସହରର ବିଭିନ୍ନ ହୋଟେଲରେ ରହିବା ସହ ଆଖପାଖର ପର୍ଯ୍ୟଟନସ୍ଥଳୀ କୋଣାର୍କ, ଚିଲିକା ପ୍ରଭୃତି ବୁଲି ଯାଇଥାନ୍ତି। ହେଲେ ବାତ୍ୟା ଫନୀ ପୁରୀରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ୨ତାରିଖ ସୁଦ୍ଧା ପୁରୀ ଛାଡ଼ିବାକୁ ପର୍ଯ୍ୟଟକଙ୍କୁ ଅନୁରୋଧ କରାଯାଇଥିଲା। ପର୍ଯ୍ୟଟକମାନେ କିପରି ନିରାପଦ ଭାବେ ଫେରିବେ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଗୁରୁବାର ଓଏସ୍‌ଆର୍‌ଟିସିର



ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପର୍ଯ୍ୟଟକମାନେ ପୁରୀ ଛାଡୁଛନ୍ତି।

୯ଟି ବସ୍ ପର୍ଯ୍ୟଟକଙ୍କୁ ନେଇ କଲିକତା ଯାଇଛି। ସେହିପରି ରେଳ ବିଭାଗ ପକ୍ଷରୁ ୩ଟି ସ୍ୱତନ୍ତ୍ର ଟ୍ରେନ୍ (ନଂ.୦୮୪୭୫, ୦୮୪୭୯ ଓ ୦୮୪୭୭) ବ୍ୟବସ୍ଥା ମଧ କରାଯାଇଥିଲା। ଅପରାହ୍ନ ସାଢେ ୧ଟାରେ ପ୍ରଥମ ଟ୍ରେନ୍ ଯାତ୍ରା କରିଥିବା ବେଳେ ଦ୍ୱିତୀୟ ଟ୍ରେନ୍ ଅପରାହ୍ନ ୩ଟା ଏବଂ ତୃତୀୟ ଟ୍ରେନ୍ ସନ୍ଧ୍ୟାରେ ଛାଡ଼ିଥିଲା। ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଖୋର୍ଦ୍ଧାରୋଡ, ଭୁବନେଶ୍ୱର, କଟକ, ଯାଜପୁର କେନ୍ଦୁଝର ରୋଡ, ଭଦ୍ରକ, ବାଲେଶ୍ୱର, ଖଡଗପୁର ଷ୍ଟେଶନରେ ଷ୍ଟପେଜ କରି ଯିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଅନ୍ୟ ରାଜ୍ୟର ପର୍ଯ୍ୟଟକଙ୍କ ଲାଗି ସ୍ୱତନ୍ତ୍ର ଟ୍ରେନ୍ ନ ଥିବାରୁ ସେମାନେ ହଇରାଣ ହୋଇଥିଲେ।

ବାତ୍ୟା ଭୟରେ ପୁରୀ ଛାଡ଼ିବାକୁ ଚାହୁଁଥିବା ବାହାର ରାଜ୍ୟର କେତେଜଣ ପର୍ଯ୍ୟଟକ କୋଲକାତା ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍‌ରେ ବାଧହୋଇ ଚଢିଥିଲେ। ଦିଲ୍ଲୀର ଗୁରୁଚରଣ ସିଂ କହିଛନ୍ତି, ବାତ୍ୟା ଫନୀ ପୁରୀରେ ଲ୍ୟାଣ୍ଡଫଲ କରିବ ବୋଲି ଜାଣି ନ ଥିଲୁ। ଆମେ ୧୦ ଜଣ (ବଡ଼ ୫, ପିଲା ୫) ୩୦ ତାରିଖରେ ପୁରୀ ବୁଲିବାକୁ ଆସିଥିଲୁ। ୩ ତାରିଖରେ ଫେରିବା ଲାଗି ଟିକେଟ କାଟିଥିଲୁ। ହେଲେ ବାତ୍ୟା ଫନୀ ଯୋଗୁ ବୁଧବାର ପ୍ରଶାସନ ପକ୍ଷରୁ ପୁରୀ ଛାଡ଼ିବାକୁ ଅନୁରୋଧ କରାଯାଇଥିଲା। ଦିଲ୍ଲୀକୁ ଏବେ ଆଉ କୌଣସି ଟ୍ରେନ୍ ନ ଥିବାରୁ କଲିକତା ଯାଉଥିବା ସ୍ୱତନ୍ତ୍ର ଟ୍ରେନ୍‌ରେ ଯାଇ ଖଡଗପୁରରେ ଓହ୍ଲାଇବୁ। ସେଠାରୁ ଅନ୍ୟ ଟ୍ରେନ୍‌ରେ ଦିଲ୍ଲୀ ଯିବୁ ବୋଲି ଗୁରୁଚରଣ ପ୍ରକାଶ କରିଛନ୍ତି। କେବଳ ସେ ଏକା ନୁହନ୍ତି, ଶହ ଶହ ପର୍ଯ୍ୟଟକ ନିଜ ରାଜ୍ୟକୁ ଫେରିବା ପାଇଁ ଏମିତି ବ୍ୟାକୁଳତା ପ୍ରକାଶ କରିଥିଲେ। କାହାର ଫେରନ୍ତା ଟିକେଟ ଅନ୍ୟ ଦିନକୁ ଥିବାବେଳେ ତାକୁ କ୍ୟାନ୍‌ସେଲ କରିବା ଲାଗି ଷ୍ଟେଶନ ଅଧୀକ୍ଷକଙ୍କ ପାଖକୁ ଯାଇ ପଚାରି ବୁଝୁଥିଲେ। ସ୍ୱତନ୍ତ୍ର ବସ୍ ମହୋଦଧି ପ୍ୟାଲେସ ନିକଟରୁ ଛାଡ଼ିଥିଲା। ଯାତ୍ରୀ ଓ ପର୍ଯ୍ୟଟକମାନେ ଟିକେଟ କାଟି ଏଥିରେ ଯାତ୍ରା କରିଥିଲେ। ୮ଟି ଏସି ଏବଂ ଗୋଟିଏ ନନ୍ ଏସି ବସ୍‌ରେ ପ୍ରାୟ ୪୦୦ ଯାତ୍ରୀ କଲିକତା ଯାଇଛନ୍ତି ବୋଲି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି। ସେହିପରି ଷ୍ଟେଶନ କାଉଣ୍ଟରରେ ମଧ ଲମ୍ୱା ଲାଇନ ଲାଗିଥିଲା। ଯାତ୍ରୀଙ୍କୁ ସୂଚନା ଦେବା ଲାଗି ଷ୍ଟେଶନ ପ୍ରବେଶ ପଥ ବାହାରେ ହେଲ୍‌ପ ଡେସ୍କ ଖୋଲାଯାଇଥିଲା। ଏଠାରୁ ଯାତ୍ରୀମାନେ ଟ୍ରେନ୍ ସମୟ, ସ୍ୱତନ୍ତ୍ର ଟ୍ରେନ୍ ଆଦି ବିଷୟରେ ପଚାରି ବୁଝୁଥିବା ଦେଖିବାକୁ ମିଳିଥିଲା।

## ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ, ବିଧାୟକ

ଗୋପ, ୨।୫(ଡି.ଏନ୍.ଏ.)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଫନୀ ମୁକାବିଲା ପାଇଁ ଗୋପ ବ୍ଲକ ପ୍ରଶାସନ ପ୍ରସ୍ତୁତ ଥିବା ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଘନ ଘନ ପ୍ରସ୍ତୁତି ବୈଠକ ଡକାଯାଇ ଏହି ଝଡ଼ ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗୁରୁବାର ସନ୍ଧ୍ୟାରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଭିଡିଓ କନ୍‌ଫରେନସିଂ ଜରିଆରେ ସ୍ଥିତି ଅନୁଧ୍ୟାନ କରିଥିଲେ। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ପହଞ୍ଚି ଫନୀ ମୁକାବିଲା ସମ୍ପର୍କରେ ସରକାରୀ ସ୍ତରରେ କିପରି କାର୍ଯ୍ୟକ୍ରମ କରାଯାଇଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କଚ୍ଚା ଘରେ ଥିବା ଜନସାଧାରଣଙ୍କୁ ସ୍ଥାନୀୟ ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ କରାଯାଇଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଜନସାଧାରଣଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲକୁ ସ୍ଥାନାନ୍ତରିତ କରାଯାଇଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଗୋପ ବ୍ଲକ ୩୧ଟି ପଞ୍ଚାୟତର ୧୮,୦୦୦ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଥିବାବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ସ୍ଥାନାନ୍ତର ପ୍ରକ୍ରିୟା ଜାରିରହିଛି। ଅନ୍ୟପକ୍ଷରେ ୨୦୦୦ କୁଇଣ୍ଟାଲ ଚାଉଳ ମହଜୁଦ ଥିବାବେଳେ ୧୦୦ କୁଇଣ୍ଟାଲ ଚୁଡ଼ା, ୧୦ କୁଇଣ୍ଟାଲ ଗୁଡ଼ ସମେତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ଥିବା ସୂଚନା ମିଳିଛି।

## ବ୍ରହ୍ମଗିରି ବ୍ଲକ: ୮ ହଜାର ଲୋକ ସ୍ଥାନାନ୍ତରିତ

ବ୍ରହ୍ମଗିରି, ୨।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀ ପୁରୀ ନିକଟବର୍ତ୍ତୀ ଅଞ୍ଚଳରେ ସ୍ଥଳଭାଗ ଛୁଇଁବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ବ୍ରହ୍ମଗିରି ବ୍ଲକ ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ତଳିଆ ଅଞ୍ଚଳଗୁଡ଼ିକରୁ ଲୋକମାନଙ୍କୁ ଗୁରୁବାର ସୁଦ୍ଧା ସ୍ଥାନାନ୍ତର କରାଯାଇଛି। ବ୍ରହ୍ମଗିରି ବ୍ଲକର ୧୧ ପଞ୍ଚାୟତ ଗୋରୁଆଳ, ଆମ୍ବପଡା, ପଲଙ୍କ, ନିଆଳପୁର, ଚାପମାଣିକ, ଭୁବନପୁର, ଗଡରୋଡଙ୍ଗ, ବଡବେଣାକୁଦି, ଧରଣୀକୁଦି, ତଳମାଳ, କୁଶୁବେଣ୍ଟି ଆଦି ଗ୍ରାମପଞ୍ଚାୟତର ୪୦ଟି ଗ୍ରାମରୁ ୮ ହଜାର ଲୋକଙ୍କୁ ଆଣି ବିଭିନ୍ନ ବାତ୍ୟାଆଶ୍ରୟସ୍ଥଳୀ, ସ୍କୁଲ ଓ କଲେଜଗୁଡ଼ିରେ ରଖାଯାଇଛି। ଆଶ୍ରୟ ନେଇଥିବା ଲୋକମାନଙ୍କୁ ପଞ୍ଚାୟତ ତରଫରୁ ଗୁରୁବାର ରନ୍ଧା ଖାଦ୍ୟ ଦିଆଯାଇଛି। ରେସ୍କ୍ୟୁ ପାଇଁ ବ୍ରହ୍ମଗିରି ବ୍ଲକରେ ଏକ ଓଡ୍ରାଫ୍ ଟିମ୍ ପହଞ୍ଚିଛି। ବାତ୍ୟାରେ ବଡବଡ ଗଛ ଭାଙ୍ଗିବାର ସମ୍ଭାବନା ଥିବାରୁ ବ୍ରହ୍ମଗିରି ବନବିଭାଗ ତରଫରୁ ଜଙ୍ଗଲରେ କେହି ନ ରହିବାକୁ ପରାମର୍ଶ ଦିଆଯାଇଛି।

## କାକଟପୁର, ଅସ୍ତରଙ୍ଗର ୨୪ହଜାରରୁ ଊର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର

କାକଟପୁର, ୨।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ 'ଫନୀ' ପୁରୀ ଜିଲାରେ ସ୍ଥଳଭାଗ ଛୁଇଁବାନେଇ ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଆରମ୍ଭ କରାଯାଇଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡ଼ିଥିବାବେଳେ ଏହାର ଗର୍ଜନ ଛାତି ଥରାଇ ଦେଉଛି। ସମୁଦ୍ର ତଟବର୍ତ୍ତୀ ଅସ୍ତରଙ୍ଗ ବ୍ଲକର କେଉଟଜଙ୍ଗା, ତଣ୍ଡାହାର, ଡାଲୁଅକଣି, ଛେନୁ, ଉଦୟକଣି, ମଧୁପୁର, ନୂଆଗଡ଼, କାଳିଆକଣ, ତାଳଦା, ପାପିରା, ଗୁଣ୍ଡଳବା ପ୍ରଭୃତି ଗ୍ରାମରେ ଲୁଣାଜୁଆର ମାଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଫନୀ ମୁକାବିଲା କରିବାକୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଥିବା ଅସ୍ତରଙ୍ଗ ତହସିଲଦାର ଅଶୋକ ସ୍ୱାଇଁ କହିଛନ୍ତି। ଅସ୍ତରଙ୍ଗ ଓ କାକଟପୁର ବ୍ଲକର ୪୪ ଗ୍ରାମରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ମୋଟ



ଅସ୍ତରଙ୍ଗ ବ୍ଲକ କେଉଟଜଙ୍ଗା ଗ୍ରାମରୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଉଛି।

୨୪ହଜାର ୨୧୮ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ଅସ୍ତରଙ୍ଗ ବିଡିଓ ଅଶୋକ ଲେଙ୍କା ସୂଚନା ଦେଇଛନ୍ତି। ସ୍ଥାନାନ୍ତର ହୋଇଥିବା ଲୋକମାନଙ୍କୁ ଗୁରୁବାର ରାତିଠାରୁ ରନ୍ଧା ଖାଦ୍ୟ ଦିଆଯିବାର ବ୍ୟବସ୍ଥା ହୋଇଛି। ବ୍ଲକ କାର୍ଯ୍ୟାଳୟରେ ଉଦ୍ଧାର କାର୍ଯ୍ୟ ପାଇଁ ଏନ୍‌ଡିଆର୍‌ଏଫ୍‌ର ୨୪ଜଣିଆ ଟିମ୍ ଆସି ପହଞ୍ଚିଛନ୍ତି। ସ୍ଥାନାନ୍ତର ହୋଇଥିବା ଲୋକମାନଙ୍କୁ ୮ଟି ବାତ୍ୟାଆଶ୍ରୟସ୍ଥଳୀ ଏବଂ ୧୬ଟି ବିଦ୍ୟାଳୟ ଗୃହରେ ଆଶ୍ରୟ ଦିଆଯିବାକୁ ବ୍ୟବସ୍ଥା କରାଯାଇଥିବା କାକଟପୁର ବିଡିଓ ସୁଧିର କୁମାର ନାୟକ କହିଛନ୍ତି। ଗର୍ଭବତୀ, ଶିଶୁ, ଦିବ୍ୟାଙ୍ଗ, ବୟସ୍କମାନଙ୍କୁ ସ୍ଥାନାନ୍ତର ଓ ସାହାଯ୍ୟ ସହଯୋଗ କରିବାକୁ ମହିଳା ସ୍ୱେଚ୍ଛାସେବୀମାନଙ୍କୁ ମୁତୟନ କରାଯାଇଥିବାବେଳେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟଠାରେ ରିଲିଫ ସାମଗ୍ରୀ, ଔଷଧପତ୍ର ମହଜୁଦ ରଖାଯିବାକୁ ବ୍ୟବସ୍ଥା ହୋଇଛି।

## ପୁରୀରେ ବର୍ଷା, ପବନ

ପୁରୀ ଅଫିସ,୨।୫

ଫନୀ ପ୍ରଭାବରେ ପୁରୀରେ ଗୁରୁବାର ବର୍ଷା ଓ ପବନ ଜାରି ରହିଛି। ଏହାକୁ ନେଇ ଲୋକେ ଅଧିକ ଭୟଭୀତ ହୋଇପଡ଼ିଛନ୍ତି। ସକାଳୁ ହାଲ୍‌କା ବର୍ଷା ସାଙ୍ଗକୁ ପବନ ବହିବା ଆରମ୍ଭ କରିଥିଲା। ମଧ୍ୟାହ୍ନରେ ପ୍ରବଳ ବର୍ଷା ହୋଇଥିଲା। ସନ୍ଧ୍ୟାରେ ମଧ ଅସରାଏ ବର୍ଷା ହୋଇଥିଲା। ସନ୍ଧ୍ୟା ୭ଟା ସୁଦ୍ଧା ପୁରୀରେ ୨୦ ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ ରେକର୍ଡ କରିଛି। ରିପୋର୍ଟ ପ୍ରସ୍ତୁତ ବେଳକୁ ରାତି ୧୦ଟାରେ ଝିପିଝିପି ବର୍ଷା ଲାଗି ରହିଥିଲା।

## ଶ୍ରମିକ ଦିବସ ପାଳିତ

ପୁରୀ ଅଫିସ,୨।୫

ପୁରୀ ବସ୍‌ଷ୍ଟାଣ୍ଡସ୍ଥିତ ଶ୍ରୀନୀଳଗିରି ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟରେ ବୁଧବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ସୌରୀବନ୍ଧୁ କର ଲାଲ ପତାକା ଉତ୍ତୋଳନ କରି ସମବେତ ସଭ୍ୟଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆମେରିକାର ଚିକାଗୋ ସହରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଅକଥନୀୟ ନିର୍ଯ୍ୟାତନା ଓ ମାଡ଼ ମରାଯାଇ ହତ୍ୟା କରାଯାଇଥିଲା। ସେମାନଙ୍କ ରକ୍ତରଞ୍ଜିତ ଶରୀରରୁ ଲାଲ ପତାକା ତିଆରି କରାଯାଇଥିଲା, ଯାହା ଶ୍ରମିକଙ୍କ ପ୍ରତୀକ ଭାବେ ରହିଆସିଛି। ମେ ପହିଲାକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି। ପ୍ରତ୍ୟେକ ଶ୍ରମିକ ଭାଇ ଏକତାବଦ୍ଧ ଭାବେ ସଂଗ୍ରାମ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ହୃଷିକେଶ ପାଣି, ସହ ସମ୍ପାଦକ ପ୍ରମୋଦ ମହାନ୍ତି, କୋଷାଧକ୍ଷ ଦିଲୀପ ବଳିୟାରସିଂହ, ବ୍ରଜବନ୍ଧୁ ପ୍ରଧାନ, ଯଦୁମଣି ସାହୁ, ପ୍ରକାଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ସଜାଗ

ସାକ୍ଷୀଗୋପାଳ, ୨।୫(ଡି.ଏନ୍.ଏ.)

'ଫନୀ' ମୁକାବିଲା ପାଇଁ ସତ୍ୟବାଦୀ ବ୍ଲକ ସଭାଗୃହରେ ଗୁରୁବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକ ନିଷ୍ପତ୍ତିକ୍ରମେ ପ୍ରଶାସନ ସଜାଗ ରହିଛି। ଅପରାହ୍ନରୁ ଝିପିଝିପି ବର୍ଷା ଲାଗିରହିଛି। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। କଚ୍ଚାଘରେ ରହୁଥିବା ପରିବାରଗୁଡିକୁ ସନ୍ଧ୍ୟା ସୁଦ୍ଧା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। କେତକୀପାଟଣା, ଅଳଗୁମ, ବଳପୁର, ଦାଶ ବିଦ୍ୟାଧରପୁର, ଶୁକଳ, ଗଡବଳରାମପୁର, ବିଦ୍ୟାଧରପୁର ସହିତ ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ନେଇଥିବା ୧୨ଶହ ଲୋକଙ୍କୁ ରନ୍ଧାଖାଦ୍ୟା ଯୋଗାଇ ଦିଆଯାଇଛି। ପ୍ରାରମ୍ଭିକ ସ୍ତରରେ ରାଜସ୍ୱ ନିରୀକ୍ଷକମାନେ ଗାଁକୁ ଗାଁ ବୁଲି କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ଭେଟି ଆଶ୍ରୟସ୍ଥଳୀକୁ ଚାଲିଆସିବାକୁ କହିବା ସହିତ ସୋମନଙ୍କର ତାଲିକା ପ୍ରସ୍ତୁତ କରିଥିଲେ। ବୃତାନ୍ତ ପ୍ରସ୍ତୁତି ବୈଠକରେ ସତ୍ୟବାଦୀ ତହସିଲଦାର କସ୍ତୁରୀ ପ୍ରଧାନ, ବିଡିଓ ଶିବାନନ୍ଦ ସ୍ୱାଇଁ, ଆଇଆଇସି ତପନ କୁମାର ରଉତ, ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ, ଆପଦ ବନ୍ଧୁ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।



ସତ୍ୟବାଦୀ ବ୍ଲକ ବଳପୁର ଆଶ୍ରୟସ୍ଥଳରେ ଗୁରୁବାର ପହଞ୍ଚିଥିବା ପରିବାର।

## ଅଖଣ୍ଡ ମଙ୍ଗଳଦୀପ ଟାଳିବ ବିପତ୍ତି

ପୁରୀ ଅଫିସ,୨।୫

ବାତ୍ୟା ଫନୀକୁ ନେଇ ଜନସାଧାରଣ ଆତଙ୍କିତ ହୋଇପଡ଼ିଥିବାବେଳେ ସେମାନଙ୍କୁ ଧୈର୍ଯ୍ୟର ସହ ପରିସ୍ଥିତି ମୁକାବିଲା କରିବାକୁ ପରାମର୍ଶ ଦେଇଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର। ସେ କହିଛନ୍ତି, ପ୍ରକୃତିର ଘଟଣାକ୍ରମକୁ ରୋକାଯାଇପାରିବ ନାହିଁ। ତେବେ ବିପଦ ସମୟରେ ବ୍ୟସ୍ତ ବିବ୍ରତ ନ ହୋଇ ମାନସିକ ସ୍ତରରେ ଦୃଢ ହେବା ପାଇଁ ଆମର ନେତା ତଥା ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶରଣାଗତ ହେବା ଉଚିତ। ତାଙ୍କ ନିକଟରେ ଅଖଣ୍ଡ ମଙ୍ଗଳଦୀପ ଜାଳିଦେଲେ ବିପତ୍ତି ଟଳିଯିବ।

ପବିତ୍ର ନୀଳାଚଳ କ୍ଷେତ୍ରକୁ ପ୍ରକୃତି ପ୍ରକୋପରୁ ରକ୍ଷା କରିବା ଲାଗି ଘେରି ରହିଛନ୍ତି ଅଷ୍ଟଦେବୀ। ପଶ୍ଚିମ ଓ ଦକ୍ଷିଣରୁ ସୁରକ୍ଷା ଦେଉଛନ୍ତି ବ୍ରହ୍ମଗିରି ନିକଟ ମୁହାଁଣ ମୁହଁରେ ଥିବା ମା' ହରଚଣ୍ଡୀ। ପୂର୍ବ ଦିଗ ମୁହାଁଣରେ ଥିବା ମା' ରାମଚଣ୍ଡୀ ଓ ନୂଆ ନଈ ମୁହାଣରେ ଥିବା ନାରାୟଣୀ ବନ୍ତରେ ମା' ନାରାୟଣୀ ସୁରକ୍ଷା ଦିଅନ୍ତି। ସେହିପରି ଓଡ଼ିଶାର ସବୁ ଦେବୀ ପୀଠରେ ବିପଦବେଳେ ଠାକୁରାଣୀମାନେ ଚଳଚଞ୍ଚଳ ଥା'ନ୍ତି।

ବାତ୍ୟାକୁ ଦୃଷ୍ଟିରେ ରଖି ମଙ୍ଗଳମୟ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅଖଣ୍ଡ ମଙ୍ଗଳ ଦୀପ ଘରେ ଘରେ ଜାଳିବାକୁ ପରାମର୍ଶ ଦେଇଛନ୍ତି ଡ. ମିଶ୍ର। ସେ କହିଛନ୍ତି, ଦୀପରେ ଦେଶୀ ଗାଈର ଘୃତ କିମ୍ବା ପୋଲାଙ୍ଗ, କରଞ୍ଜ ଓ ଜଡ଼ାତେଲ ବ୍ୟବହାର ହେବ। ତୁଳା ବଳିତା ପରିବର୍ତ୍ତେ ସରୁ କନା ବଳିତା (ଟେରିକଟ ମିଶା କନା ନୁହେଁ) ୨ଟି ରହିବ। ବାଲି କିମ୍ବା ଦୀପରୁଖା ଉପରେ ଦୀପ ରହିବ। ଦୀପ ଜାଳିଦେଇ ମହାପ୍ରଭୁଙ୍କୁ ମୁଣ୍ଡିଆ ମାରିବ।

## ନିମାପଡ଼ାରେ ୩,୫୦୦ଲୋକ ସ୍ଥାନାନ୍ତର

ନିମାପଡ଼ା,୨।୫(ଡି.ଏନ୍.ଏ.):

ବାତ୍ୟା 'ଫନୀ'ର ମୁକାବିଲା ପାଇଁ ସ୍ଥାନୀୟ ପ୍ରଶାସନ ସଜାଗ ରହିଥିବା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ ଦାସ, ବିଡିଓ ଦାମୋଦର ଖୁଣ୍ଟିଆ, ଅଗ୍ନିସେବା ସଂସ୍ଥା ଅଧିକାରୀ ବ୍ରହ୍ମାନନ୍ଦ ମଲ୍ଲିକ କହିଛନ୍ତି। ଗୁରୁବାର ସକାଳୁ ସ୍ଥାନୀୟ ବ୍ଲକ ଅଧୀନ ବଡ଼ମାଛପୁର, ବଡ଼ଶିରଳା, ଧନୁଆଁ ଆଦି ୩ଟି ବାତ୍ୟା ଆଶ୍ରୟସ୍ଥଳୀ ଓ ଏନ୍‌ଏସିର ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପ, ନିମାପଡ଼ା କଲେଜକୁ ପ୍ରାୟ ୩,୫୦୦ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଛି। ଏହା ସହ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଥିବା ବିଡିଓ ଖୁଣ୍ଟିଆ କହିଛନ୍ତି।

## କୋଣାର୍କ: ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ପ୍ରଦାନ

କୋଣାର୍କ, ୨।୫(ଡି.ଏନ୍.ଏ.)

ଭୟଙ୍କର ସାମୁଦ୍ରିକ ଝଡ଼ ଫନୀକୁ ନେଇ କୋଣାର୍କ ଏନ୍‌ଏସି ସମେତ ଆଖପାଖ ଅଞ୍ଚଳର ୩୦୦୦ ଲୋକଙ୍କୁ ପ୍ରଶାସନ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ କରିଛି। କୋଣାର୍କ ଏନ୍‌ଏସିର ୮ନଂ ୱାର୍ଡ ଚନ୍ଦ୍ରଭାଗା ତେଲୁଗୁ ବସ୍ତି ବିପଦସଙ୍କୁଳ ଅଞ୍ଚଳରେ ବସବାସ କରୁଥିବା ମତ୍ସ୍ୟଜୀବୀମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ବସ୍, ଅଟୋ ଓ ଆମ୍ବୁଲାନ୍ସ ଯୋଗେ କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଣାର୍କ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଏନ୍‌ଏସିର ଅନ୍ୟ ୧୨ଗୋଟି ୱାର୍ଡର ବିପଦସଙ୍କୁଳ ଅବସ୍ଥାରେ ଥିବା ଲୋକମାନଙ୍କୁ ୧୦ଗୋଟି ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କେତକ ତେଲୁଗୁ ସମ୍ପ୍ରଦାୟର ମତ୍ସ୍ୟଜୀବୀଙ୍କୁ ଚନ୍ଦ୍ରଭାଗାଠାରେ ଥିବା ବାତ୍ୟାଆଶ୍ରୟସ୍ଥଳୀରେ ରଖାଯାଇଛି। ସ୍ଥାନାନ୍ତରିତ ଲୋକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ, ପାନୀୟଜଳ, ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ସମେତ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏନ୍‌ଏସି କାର୍ଯ୍ୟାଳୟଠାରେ ଜନସାଧାରଣଙ୍କ ନିମନ୍ତେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ପରିସ୍ଥିତ ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି। ଜିଲା ପ୍ରଶାସନ ନିର୍ଦ୍ଦେଶ ଅନୁଯାୟୀ ସୂର୍ଯ୍ୟମନ୍ଦିର ବନ୍ଦ ରହିବା ସହ କୋଣାର୍କ ଓ ଚନ୍ଦ୍ରଭାଗା ଅଞ୍ଚଳରେ ଥିବା ସରକାରୀ ଓ ବେସରକାରୀ ଲଜଗୁଡ଼ିକରେ ରହିଥିବା ପର୍ଯ୍ୟଟକମାନେ ବାତ୍ୟା ଯୋଗୁ ଫେରିଯାଇଥିବା ଦେଖିବାକୁ ମିଳିଛି।



ଆଶ୍ରୟସ୍ଥଳୀରେ ରନ୍ଧାଯାଇଥିବା ଖାଦ୍ୟ।

■ ଫନୀ ପାଇଁ ଅଗ୍ନିଶମ ସଂସ୍ଥାର ପ୍ରସ୍ତୁତି

## ଜିଲାରେ ମୁତୟନ ରହିବେ ୫୨ ୟୁନିଟ

ପୁରୀ ଅଫିସ,୨।୫:

'ଫନୀ' ମୁକାବିଲା ଲାଗି ଓଡ଼ିଶା ଅଗ୍ନିଶମ ବାହିନୀ ପ୍ରସ୍ତୁତ ରହିଛି। ବାତ୍ୟା ସମୟରେ ଜନଜୀବନ ସୁରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୁରୀ ଜିଲାରେ ୫୨ଟି ୟୁନିଟ୍ ମୁତୟନ ରହିବେ। ତନ୍ମଧ୍ୟରୁ ପୁରୀରେ ୨୨ ଏବଂ ପ୍ରତି ବ୍ଲକରେ ୩ଟି ଲେଖାଏ ୟୁନିଟ ରହିବ। ୨୫୦ଜଣ ଅଗ୍ନିଶମ କର୍ମଚାରୀ,୧୪ଜଣ ଅଫିସର ନିୟୋଜିତ ଅଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସାତପଡା –ପୁରୀ ଏବଂ ପୁରୀ–କୋଣାର୍କ ଜାତୀୟ ରାଜପଥର ରାସ୍ତାଘାଟ ସଫା, ଜଳ ନିଷ୍କାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିଲାଗି ୩ଜଣ ସ୍କୁବା ଡାଇଭର, ହାଇମାଷ୍ଟ ଲାଇଟ ୧, ପୋଟେବୁଲ ପମ୍ପ ୧୫, କଟର ୨୨, ଆସ୍କା ଲାଇଟ ୨୦, ବୋଟ ୧୦ଟି, ଜଳ ନିଷ୍କାସନ ଲାଗି ପମ୍ପ ୨୨ ବ୍ୟବସ୍ଥା ହୋଇଥିବା ଗୁରୁବାର ପୁରୀ ଅଗ୍ନିଶମ ସେବା କେନ୍ଦ୍ରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖ୍ୟ ଅଗ୍ନିଶମ ଅଧିକାରୀ ମହେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ଫାଇଲିନ, ହୁଡହୁଡ, ତିତ୍‌ଲି ସମେତ ଆନ୍ଧ୍ରପ୍ରଦେଶ, କେରଳ, ମେଘାଳୟ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିଥିଲୁ। ଏବେ ଫନୀ ମୁକାବିଲା ଲାଗି ଆମେ ପୂରା ପ୍ରସ୍ତୁତ ରହିଛୁ। ଉକ୍ତ ଖବରଦାତା ସମ୍ମିଳନୀରେ ପୁରୀ ଅଗ୍ନିଶମ ଅଧିକାରୀ ବିଚିତ୍ରାନନ୍ଦ ପଣ୍ଡା, ବେଳାଭୂମି ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଫନୀ ମୁକାବିଲା ପାଇଁ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପ୍ରସ୍ତୁତ ହେଉଛନ୍ତି।